# ୮୦ ଅଭିଯୋଗ ଶୁଣି ତ୍ୱରିତ ସମାଧାନ ନିର୍ଦ୍ଦେଶ

■ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

■ ୫ଜଣଙ୍କୁ ମୋଟ ୬୫ହଜାର ଆର୍ଥିକ ସହାୟତା ପ୍ରଦାନ

ରାୟଗଡ଼ା,୭।୧୦(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ପରିଷଦ ସଭାଗୃହଠାରେ ଜିଲାପାଳ ପାରୁଲ ପଟାୱରିଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୮୦ ଅଭିଯୋଗ ଶୁଣିଥିଲେ ଜିଲାପାଳ ପାରୁଲ। ସେଥିମଧ୍ୟରୁ ୬୩ଟି ବ୍ୟକ୍ତିଗତ ଓ ୧୨ଟି ସାମୂହିକ ଅଭିଯୋଗ ରହିଥିଲା। ଅନ୍ୟ ୫ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୬୫ହଜାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ ଜିଲାପାଳ ପାରୁଲ । ଏହି ଅଭିଯୋଗ ଶୁଣାଣିରେ ଆବାସ ଯୋଜନାରେ ଘର, ସ୍ୱାସ୍ଥ୍ୟଗତ ସମସ୍ୟା, ଜମିଜମା, ପାରିବାରିକ ସମସ୍ୟା,ଜଳସେଚନ, ଭତ୍ତା, ଜମିଜମା ରେଜିଷ୍ଟ୍ରେସନ, ଅଙ୍ଗନୱାଡି ଗୃହ ନିର୍ମାଣ ଓ ଅନ୍ୟ ସମସ୍ୟାକୁ ନେଇ ଅଭିଯୋଗ ହୋଇଥିଲା । ଏହି ଅଭିଯୋଗ ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ସ୍ୱାଥି ଏସ.କୁମାର, ଡିଏଫଓ ସଚିନ ଆନ୍ନାସାହେବ ଓହେଲ, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ନିହାର ରଞ୍ଜନ କହଁର, ସିଡିଏମଓ ଡା. ଲାଲମୋହନ ରାଉତରାୟ, ଓ ଅନ୍ୟ ସମସ୍ତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଅଭିଯୋଗଗୁଡିକୁ ପାଇବା ପରେ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ଫଇସଲା ପାଇଁ ନିର୍ଦ୍ଦେଶ ଦେଇଥିଲେ ଜିଲାପାଳ ପାରୁଲ । ଏହି ଅବସରରେ ୧୧ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସ୍ୱାବଲମ୍ବୀ ପାଇଁ ସରକାରୀ ସହାୟତା ବାବଦରେ ଋଣ ଟଙ୍କା ଯୋଗାଇ ଦିଆଯାଇଥିଲା ।



ଏସ୍‌ଏଚଜି ମହିଳାଙ୍କୁ ଚେକ୍ ପ୍ରଦାନ କରୁଛନ୍ତି ଜିଲାପାଳ ପାରୁଲ ପଟାୱରି।

# ସିରିପାଇ ସରପଞ୍ଚଙ୍କ ପଦ ଅସିଦ୍ଧ ଘୋଷଣା

ରାୟଗଡ଼ା,୭।୧୦(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଅନ୍ତର୍ଗତ ସିରିପାଇ ପଞ୍ଚାୟତର ସରପଞ୍ଚ ଇଚ୍ଛାମନ ମାଝିଙ୍କ ପଦ ରଦ୍ଦ ହୋଇଥିବା ଅତିରିକ୍ତ ଜିଲା ଦୌରାଜଜ୍ ଘୋଷଣା କରିଛନ୍ତି। ଅତିରିକ୍ତ ଜିଲା ଦୌରାଜଜ୍ ରାୟଗଡ଼ା ନିର୍ବାଚନ ଅପିଲ ନମ୍ବର୍ ୪/୨୦୨୩ ବିଚାର କରି ସରପଞ୍ଚ ପଦକୁ ଅସିଦ୍ଧ ଘୋଷଣା କରିଛନ୍ତି। ସୂଚନା ମୁତାବକ, ଗତ ୨୦୨୨ ପଞ୍ଚାୟତ ନିର୍ବାଚନରେ ସିରିପାଇ ପଞ୍ଚାୟତର ବିଜେଡ଼ି ସମର୍ଥିତ ପ୍ରାର୍ଥୀ ଇଛାମନ୍ ମାଝୀ ସରପଞ୍ଚ ଭାବେ ନିଜ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାସ୍କର ମାଝିଙ୍କୁ ହରାଇ ବିଜୟ ଲାଭ କରିଥିଲେ। ଏ ନେଇ ଭାସ୍କର ମାଝୀ ଇଚ୍ଛାମନ୍ ମାଝିଙ୍କର ୩ଟି ସନ୍ତାନ ଥିବା ନେଇ ଆପତ୍ତି ଜଣାଇଥିଲେ । ପରେ ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ନେଇ ଇଚ୍ଛାମନଙ୍କ ବିରୋଧରେ ଅଦାଲତର ଦ୍ୱାରସ୍ଥ ହୋଇଥିଲେ । ଏହି ମାମଲାର ବିଚାର କରି ସମସ୍ତ ତଥ୍ୟ ଓ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଅତିରିକ୍ତ ଦୌରାଜଜ୍ ଇଚ୍ଛାମନଙ୍କ ସରପଞ୍ଚ ପଦବୀକୁ ରଦ୍ଦ ଘୋଷଣା କରିଛନ୍ତି। ଏହି ମାମଲାକୁ ଭାସ୍କରଙ୍କ ପକ୍ଷରୁ ରାୟଗଡାର ବରିଷ୍ଠ ଓକିଲ ମଦନ ପାଢ଼ୀ ଲଢୁଥିବା ବେଳେ ଇଚ୍ଛାମନଙ୍କ ପକ୍ଷରୁ ଆଇନଜୀବୀ ଏଲ.ଏନ.ସ୍ୱାଇଁ ଓ ସନ୍ତୋଷ ମହାପାତ୍ର ମାମଲା ପରିଚାଳନା କରୁଥିଲେ ।

# ମନିପର୍ସ ପାଇ ଫେରାଇଲେ ଯୁବକ



ଟିକିରି,୭।୧୦(ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ଅଞ୍ଚଳରେ ଜଣେ ଯୁବକ ରାସ୍ତାରେ ପଡିଥିବା ମନିପର୍ସକୁ ଫେରାଇ ମହାନତା ଦେଖାଇଛନ୍ତି। ନୟାଗଡ ଜିଲା ଖୁଣ୍ଟୁବନ୍ଧ ପଞ୍ଚାୟତ ଅନ୍ତର୍ଗତ ବେଗୁନିଆଁପାଟଣା ଗ୍ରାମର ସନ୍ତୋଷ କୁମାର ରାଉତ ଟିକିରିରେ ରହି ଉତ୍କଳ ଆଲୁମିନା କମ୍ପାନୀର ଆମଲମେନ ଇଣ୍ଡିଆ କମ୍ପାନୀରେ ଅପରେଟର ଭାବେ କାର୍ଯରତ। ଗତ ୩ଦିନ ତଳେ ସେ ଟିକିରି ଆଇସିଆଇସି ବ୍ୟାଙ୍କ ନିକଟରୁ ଏକ ମନିପର୍ସ ପାଇଥିଲେ। ଉକ୍ତ ପର୍ସରେ ଟଙ୍କା ଓ ଆବଶ୍ୟକ କାଗଜପତ୍ର ଥିବାରୁ ଦୀର୍ଘ ସମୟ ଧରି ହଜାଇଥିବା ବ୍ୟକ୍ତିଙ୍କୁ ଖୋଜିଥିଲେ। ତାଙ୍କୁ ନ ପାଇବାରୁ ଘରକୁ ଚାଲିଯାଇଥିଲେ। ସନ୍ତୋଷ ଗଣମାଧ୍ୟମ ପ୍ରତିନିଧିଙ୍କୁ ଏ ବିଷୟରେ ଜଣାଇଥିଲେ। ଏଥିସହ ସେ ପାଇଥିବା ପର୍ସରେ ଥିବା ଭିଜିଟିଂ କାର୍ଡରେ ଉଲ୍ଲେଖ ଥିବା ନମ୍ବର ସହ ଯୋଗାଯୋଗ କରିଥିଲେ । ଫୋନ୍ ପଶ୍ଚିମବଙ୍ଗର ଅଲି ଆଜାମଙ୍କୁ ଲାଗିଥିବାବେଳେ ତାଙ୍କର ପର୍ସ ହଜିଥିବା କହିଥିଲେ। ଅଲି ଆଜାମ ଏକ ଘରୋଇ କମ୍ପାନୀର ଡ୍ରୋଜର ମେକାନିକ ଭାବେ କାର୍ଯ୍ୟରତ। ସେ ଏକ ଡ୍ରୋଜର ମରାମତି ପାଇଁ ଉତ୍କଳ ଆଲୁମିନା କମ୍ପାନୀକୁ ଆସିଥିଲେ ବୋଲି କହିଥିଲେ। ସୋମବାର ସନ୍ଧ୍ୟା ସମୟରେ ଆଲି ଆଜାମଙ୍କୁ ଗଣମାଧ୍ୟମ ପ୍ରତିନିଧିଙ୍କ ସାମ୍ନାରେ ସନ୍ତୋଷ ମନିପର୍ସ ଫେରାଇ ମହାନତା ଦେଖାଇଛନ୍ତି।

# ଧାନ, କପା ମିଲ୍ ବନ୍ଦ ଦାବିରେ ଜିଲାପାଳଙ୍କ ଦ୍ୱାରସ୍ଥ


ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଜିଙ୍ଗିଲିବାଡ଼ି ଗ୍ରାମବାସୀ।

**ଜମି ଜବରଦଖଲ ଅଭିଯୋଗ**

ରାୟଗଡ଼ା,୭।୧୦(ଆଶିଷ ରଞ୍ଜନ ପଣ୍ଡା)

ଧାନ ମିଲ୍ ଯୋଗୁ ପରିବେଶ ପ୍ରଦୂଷଣ ହେବା ସହ ଜମି ଉର୍ବରତା ହରାଉଥିବା ନେଇ ରାୟଗଡ଼ା ବ୍ଲକ୍ ଜିଙ୍ଗିଲିବାଡ଼ି ଗ୍ରାମବାସୀ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଲିଖିତ ଅଭିଯୋଗ କରିଛନ୍ତି । ଏଥିସହ ସେଠାରେ ଆଉ ଏକ କପା ମିଲ୍ ନିର୍ମାଣ ହେଉଥିବାରୁ ଗ୍ରାମାଞ୍ଚଳ ପ୍ରଦୂଷିତ ହେବା ଏବଂ ମିଲ୍ ମାଲିକ ଗ୍ରାମର ଜଣେ ମହିଳାଙ୍କ ଜମି କବ୍‌ଜା କରିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏଭଳିକି ଗ୍ରାମର ଜଣେ ମହିଳାଙ୍କ ଜମିକୁ ମଧ୍ୟ ଉକ୍ତ ଧାନ ମିଲ୍ ମାଲିକ ଦଖଲ କରିଥିବା ଅଭିଯୋଗ କରିଛନ୍ତି। ଜିଲାପାଳ ପାରୁଲ ପଟୱାରି ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣକରି ସମସ୍ୟାର ସମାଧାନ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଜିଙ୍ଗିଲିବାଡ଼ି ଗ୍ରାମଠାରୁ ୨୦୦ ମିଟର ଦୂରରେ ଏକ ଧାନ ମିଲ୍ ରହିଛି। ସେଠାରେ ଧାନ ମିଲିଂ ସମୟରେ ଧାନ ଚଷୁ ଉଡ଼ି ନିକଟସ୍ଥ କାଡ୍ରାକା କୁମାରୀଙ୍କ ଜମିରେ ପଡୁଛି । ଫଳରେ କୁମାରୀ ଜମିରେ ଚାଷ କରିପାରୁନାହାନ୍ତି । ବର୍ତ୍ତମାନ ସେହି ମିଲ୍ ନିକଟରେ ଚାନ୍ଦିଲି ଗ୍ରାମର କେତେଜଣ ବ୍ୟକ୍ତି କପା ମିଲ୍ ନିର୍ମାଣ କରୁଛନ୍ତି । କପା ମିଲ୍ ନିର୍ମାଣ ଦ୍ୱାରା ଜିଙ୍ଗିଲିବାଡ଼ି ଗ୍ରାମର ପରିବେଶ ପ୍ରଦୂଷିତ ହେବା ସହ ଚାଷଜମି, ଧନଜୀବନ, ହନୁମାନ ମନ୍ଦିର ଓ ପାଣିଟାଙ୍କି ଖରାପହେବା ନେଇ ଆଶଙ୍କା ପ୍ରକଟ କରିଛନ୍ତି ଗ୍ରାମବାସୀ। ତେଣୁ ଜିଲାପାଳ ବିହିତ ପଦକ୍ଷେପ ନେଇ ଉକ୍ତ ଧାନ ମିଲ୍ ଓ ନିର୍ମାଣ ହେବାକୁ ଥିବା କପା ମିଲ୍ ବନ୍ଦ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

# ଅଜଣା ରୋଗରେ ସତ୍ୟବାନଙ୍କ ୨ ଗୋଡ଼ ଅଚଳ

**ସହାୟତା ପାଇଁ ଜିଲା ପ୍ରଶାସନର ଦ୍ୱାରସ୍ଥ**

ରାୟଗଡ଼ା,୭।୧୦(ଆଶିଷ ରଞ୍ଜନ ପଣ୍ଡା)



ଗତ ୭ ବର୍ଷ ତଳେ ଅଜଣା ରୋଗରେ ଦୁଇଟି ଯାକ ଗୋଡ଼ ଅଚଳ ହୋଇଗଲା। ଚିକିତ୍ସା ବାବଦରେ ବହୁ ଅର୍ଥ ଖର୍ଚ୍ଚ କଲେ। ହେଲେ ସୁସ୍ଥ ହୋଇପାରିଲେନି। ଫଳରେ ଆଉ ପରିବାର ଭରଣପୋଷଣ କରିପାରୁନାହାନ୍ତି କୋଲନରା ବ୍ଲକ ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର ସତ୍ୟବାନ ଡାକୁଆ। ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚି ଜିଲାପାଳ ପାରୁଲ ପଟାୱରିଙ୍କୁ ସତ୍ୟବାନ ଦୁଃଖରେ ନିଜର ସମସ୍ୟା ଜଣାଇଥିଲେ । ଅଭିଯୋଗ ଶୁଣିବା ପରେ ତତକ୍ଷଣାତ୍ ୫ହଜାର ଟଙ୍କା ସରକାରୀ ସହାୟତା ସହିତ ବ୍ରହ୍ମପୁର ମେଡ଼ିକାଲରେ ମାଗଣା ଚିକିତ୍ସା ଯୋଗାଇ ଦେବାକୁ ପ୍ରତିଶୃତି ଦେଇଥିଲେ ।

ପ୍ରକାଶ ଯେ, ୭ ବର୍ଷ ପୂର୍ବେ ସତ୍ୟବାନ ଅଜଣା ରୋଗରେ ପୀଡ଼ିତ ହୋଇଥିଲେ। ଫଳରେ ତାଙ୍କର ଦୁଇଟି ଯାକ ଗୋଡ଼ ଆଉ କାମ କଲାନାହିଁ। ଖଟରୁ ଆଉ ଉଠି ପାରିଲେ ନାହିଁ । ଫଳରେ ସତ୍ୟବାନଙ୍କ ପାଇଁ ପରିବାର ଭରଣପୋଷଣ କଷ୍ଟକର ହୋଇପଡ଼ିଛି। ଅଚଳ ପୂର୍ବରୁ ନିଜର କୂଳ ବୃତ୍ତି ବାରିକ ଭାବେ କାର୍ଯ୍ୟ କରି ସେ ଭଲ ରୋଜଗାର କରୁଥିଲେ । ସ୍ୱାସ୍ଥ୍ୟ ଖରାପ ପରେ ଡାକ୍ତରଙ୍କୁ ଦେଖାଇ ଚିକିତ୍ସା ପାଇଁ ବହୁ ଟଙ୍କା ଖର୍ଚ୍ଚ କରିସାରିଲେଣି, କିନ୍ତୁ କିଛି ସୁଫଳ ମିଳିନାହିଁ। ସେ ପୂର୍ବରୁ ବିଶାଖାପାଟଣା, ବାଙ୍ଗାଲୁରୁ ଭଳି ଅନେକ ଡାକ୍ତରଖାନା ଯାଇ ହତାଶ ହୋଇ ଫେରିଛନ୍ତି। ଏବେ ପରିବାର ଭରଣପୋଷଣ ପାଇଁ ସରକାରୀ ସହାୟତା ବ୍ୟବସ୍ଥା ପାଇଁ ଅନୁରୋଧ କରିଛନ୍ତି ସତ୍ୟବାନ ।

# ଆଦର୍ଶ ଶିକ୍ଷକ ଦିଲୀପ କର ସମ୍ମାନିତ



ପଦ୍ମପୁର, ୭।୧୦ (ପ୍ରଶାନ୍ତ କର)

ପଦ୍ମପୁର ବ୍ଲକସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଉପର ଜୁମୁରୁଗୁଡ଼ାର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲୀପ କରଙ୍କୁ 'ରାଜ୍ୟସ୍ତରୀୟ ଉତ୍କଳିୟମ ଫାଉଣ୍ଡେଶନ' ସମ୍ମାନିତ କରାଯାଇଛି। ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ୍ ଅନ୍ତର୍ଗତ ରାଜସୁନାଖଳା ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ସଭାକକ୍ଷରେ ରବିବାର ଆୟୋଜିତ ସମାରୋହରେ ଆଦର୍ଶ ଶିକ୍ଷକ ରୂପେ ଦିଲୀପ କରଙ୍କୁ ମାନପତ୍ର, ଉପଢୌକନ ଦିଆଯାଇ ସମ୍ମାନିତ କରାଯାଇଛି । ଉକ୍ତ ସମାରୋହରେ ବିଭିନ୍ନ ବର୍ଗ ଯଥା କବି, ଲେଖକ, ସାମାଜିକ କର୍ମୀ, ଶିକ୍ଷକ, କଳାକାର ପ୍ରଭୃତିଙ୍କୁ ଚୟନ ସହ ନିମନ୍ତ୍ରଣ ପତ୍ର ଜରିଆରେ ସ୍ୱାଗତକରି ସମ୍ମାନିତ କରାଯାଇଛି। ସଭାରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲା ପରିଷଦ ସଭାପତି ଇଂ.ଦେବାଶିଷ ପଟ୍ଟନାୟକ, ଟ୍ରଷ୍ଟର ଖୋର୍ଦ୍ଧା ଜିଲା ସଂଯୋଜକ ବଲ୍ଲଭ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ୭୦ତମ ଜାତୀୟ ବନ୍ୟପ୍ରାଣୀ ସପ୍ତାହ


ବନ୍ୟଜନ୍ତୁ ସୁରକ୍ଷା ସଚେତନତା ଶୋଭାଯାତ୍ରା।

ଟିକିରି, ୭।୧୦ (ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ସଦର ମହକୁମାସ୍ଥିତ ଓଏଭି ବିଦ୍ୟାଳୟ ପରିସରରେ କାଶୀପୁର ବନାଞ୍ଚଳ ପକ୍ଷରୁ ୭୦ତମ ବନ୍ୟଜନ୍ତୁ ସୁରକ୍ଷା ସପ୍ତାହ ପାଳିତ ହେଇଯାଇଛି। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶୋଭାଯାତ୍ରା କାଶୀପୁର ସହର ପରିକ୍ରମା କରିଥିଲା। ପରେ ଓଏଭି ବିଦ୍ୟାଳୟରେ 'ବନ୍ୟଜନ୍ତୁଙ୍କ ସାମ୍ପ୍ରତିକ ସ୍ଥିତି, ଭବିଷ୍ୟତରେ ଏମାନଙ୍କ ସୁରକ୍ଷା' ଉପରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରୀ ଅନ୍ତର୍ଯ୍ୟାମୀ ସାହୁ, ଓଏଭି ବିଦ୍ୟାଳୟର ଉପାଧ୍ୟକ୍ଷ ମନୋରଞ୍ଜନ ଧଳ ଓ ଜୟନ୍ତ ବୁଡ଼େକ ମଞ୍ଚାସୀନଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମାଣ୍ଡିବିଶି ଫରେଷ୍ଟର ଦୀନବନ୍ଧୁ ଶବର, କାଶୀପୁର ଫରେଷ୍ଟର ସୁରେଶ ମିଶ୍ର, ଶୁଙ୍ଗେର ଫରେଷ୍ଟର ଓ ଫରେଷ୍ଟ ଗାର୍ଡ ଓ ଅନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଅନ୍ତର୍ଜାତୀୟ ଖେଳରେ ଭାଗନେବାକୁ ବାଧକ ସାଜିଛି ଅର୍ଥ

**ସହାୟତା ପାଇଁ ନିବେଦନକଲେ ଦିବ୍ୟାଙ୍ଗ କ୍ରୀଡ଼ାବିତ୍**

ରାୟଗଡ଼ା,୭।୧୦(ଆଶିଷ ରଞ୍ଜନ ପଣ୍ଡା)

ଅନ୍ତର୍ଜାତୀୟ ଖେଳରେ ଭାଗନେବା ପାଇଁ ବାଧକ ସାଜିଛି ଅର୍ଥ । ଜିଲା ପ୍ରଶାସନ ତରଫରୁ ଆର୍ଥିକ ସହାୟତା ପ୍ରଦାନ କରାଗଲେ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ତଥା ରାୟଗଡ଼ାର ନାମକୁ ଗୌରାବନ୍ୱିତ କରିବେ ବୋଲି ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଦୃଢ଼ୋକ୍ତିର ସହ ପ୍ରକାଶ କରିଛନ୍ତି କାଶୀପୁର ବ୍ଲକ୍ ଅନ୍ତର୍ଗତ ବିଳମାଳ ଗ୍ରାମର ଜଣେ ଦିବ୍ୟାଙ୍ଗ ବିପିନ ମାଝୀ ।

ସୂଚନାଯୋଗ୍ୟ, ବେଙ୍ଗାଲୁରୁରେ ଗତ ଜୁଲାଇ ୧୭ରେ ଜାତୀୟ କନିଷ୍ଠ ଓ ଉପକନିଷ୍ଠ ପାରା ଦୌଡ଼କୁଦ ପ୍ରତିଯୋଗିତାରେ ଓଡ଼ିଶା ଦଳକୁ ମୋଟ ୧୩ ପଦକ ମିଳିଥିଲା । ଏହି ପ୍ରତିଯୋଗିତାରେ ବିପିନ ମାଝୀ ୪୦୦ ମିଟର ରେସ୍‌କୁ ୫୯.୯୭ ସେକେଣ୍ଡରେ ଜିତି କାଂସ୍ୟ ପଦକ ପାଇଥିଲେ । ଏଥିସହ ବିପିନ ଅନ୍ତର୍ଜାତୀୟ ସ୍ତରରେ ଖେଳିବା ପାଇଁ ମନୋନୀତ ହୋଇଥିଲେ। ବିନା ପ୍ରଶିକ୍ଷକରେ ବିପିନ ଏହି ସଫଳତା ପାଇଥିଲେ । ହେଲେ ଅନ୍ତର୍ଜାତୀୟ ସ୍ତରରେ ହେବାକୁ ଥିବା ପ୍ରତିଯୋଗିତାରେ କଡ଼ା ମୁକାବିଲା ହେବା ସମ୍ଭାବନା ରହିଛି। ତେଣୁ ପ୍ରଶିକ୍ଷଣ ପ୍ରଦାନ କରାଗଲେ ସେ ଭଲ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ବିଜେତା ହୋଇପାରିବେ ବୋଲି କହିଛନ୍ତି। ଏଥିସହ ଜିଲାପାଳ ପାରୁଲ ପଟୱାରିଙ୍କୁ ସାକ୍ଷାତକରି ପ୍ରଶିକ୍ଷକ ଯୋଗାଇଦେବା ପାଇଁ ନିବେଦନ କରିଛନ୍ତି। ଜିଲାପାଳଙ୍କୁ ଭେଟିବା ବେଳେ ତାଙ୍କ ସହ ରାୟଗଡ଼ା ଭିନ୍ନକ୍ଷମ ମହାସଂଘର ସମ୍ପାଦକ ଅମର ନାଥ ଉପସ୍ଥିତ ଥିଲେ ।


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ବିପିନ ଏବଂ ଭିନ୍ନକ୍ଷମ ମହାସଂଘର ସମ୍ପାଦକ।

# ବଜ୍ରପାତରେ ୫ ଗୋରୁ ମୃତ

ଗୁଣପୁର,୭।୧୦(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଟଲଣା ପଞ୍ଚାୟତ ଡେଙ୍ଗାକୁଲ ଗ୍ରାମ ନିକଟ ପାହାଡ ଉପରେ ସୋମବାର ବଜ୍ରପାତରେ ୫ ଗାଈ ଓ ବଳଦଙ୍କ ମୃତ୍ୟୁ ଘଟିଛି। ଗୋରୁ ଚରାଇବାକୁ ଯାଇଥିବା ସମୟରେ ବଜ୍ରପାତ ହେବାରୁ ଏପରି ଘଟଣା ଘଟିଛି। ଏହି ଘଟଣାରେ ଗୋରୁ ଚରାଳୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି।



# ପାର୍ବଣରେ ଅବକାରୀ ଚଢ଼ାଉ, ୫ ଗିରଫ

ରାୟଗଡା, ୭।୧୦(ଆଶିଷ ରଞ୍ଜନ ପଣ୍ଡା)

ପାର୍ବଣ ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ରାୟଗଡା ଜିଲା ଅବକାରୀ ଅଧୀକ୍ଷକ ସନ୍ତୋଷ କୁମାର ଧଳସାମନ୍ତଙ୍କ ନିର୍ଦ୍ଦେଶରେ ସୋମବାର ରାୟଗଡା ଅବକାରୀ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ରାୟଗଡା, ଚାନ୍ଦିଲି ଓ ଶେଷଖାଲ ଥାନା ଅଞ୍ଚଳର ବିଭିନ୍ନ ଗାଁରେ ଚଢାଉ କରି ୮ ହଜାର ୪୦୦ ଲିଟର ମହୁଆ ପୋଚ, ୨୬୪ ଲିଟର ଦେଶୀ ମଦ ନଷ୍ଟ କରାଯାଇଛି। ସେହିପରି ୪୭ ଲିଟର ବିଦେଶୀ ମଦ ଜବତ କରାଯାଇଛି । ଏ ସଂକ୍ରାନ୍ତରେ ୮ଟି ମାମଲା ରୁଜୁ କରାଯାଇ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଶେଷଖାଲ ଥାନା ଅଞ୍ଚଳର ବୈରାଗୀହାଲୁଆରେ ଚଢାଉ କରି ୧୧୦ ଲିଟର ଦେଶୀମଦ ଜବତ କରାଯିବା ସହ ୪ ହଜାର ଲିଟର ମହୁଆ ପୋଚ ନଷ୍ଟ କରାଯାଇଛି। ସେଭଳି ଅନିଜାରେ ୨୨୦ ଲିଟର ମଦ ଜବତ ସହ୨୨୦୦ ଲିଟର ମହୁଆପୋଚ ନଷ୍ଟ କରାଯାଇଛି । କେରେଡାରେ ୭୦ ଲିଟର ଜବତ ହୋଇଥିବା ବେଳେ ୧୮୦୦ ଲିଟର ପୋଚ ନଷ୍ଟ କରାଯାଇଛି । ଶ୍ରୀକାନ୍ଦୁଗୁମରୁ ୧୦ ଲିଟଲ ଦେଶୀ ମଦ ଜବତ କରାଯାଇ ଜଣଙ୍କୁ ଗିରଫ କରାଯାଇଛି । ଚାନ୍ଦିଲି ଥାନାର ଥେରୁବାଲି ଆରସି ନଗରରେ ଚଢାଉ କରି ଦେଶୀ ମଦ ବିକ୍ରି କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇଛି। ଚାନ୍ଦିଲି ଥାନାର ବେଟପାଡୁରୁ ଜଣେ ବ୍ୟକ୍ତିକୁ ଗିରଫ କରାଯାଇଥିବା ବେଳେ ତାଙ୍କ ନିକଟରୁ ୮ ଲିଟର ମଦ ଜବତ ହୋଇଛି । ରାୟଗଡା ଥାନାର କାଙ୍କଗୁଡାରୁ ୧୦ ଲିଟର ଦେଶୀ ମଦ ଜବତ କରାଯାଇ ଜଣେ ଗିରଫ ହୋଇଛନ୍ତି। ଚଢାଉରେ ଅବକାରୀ ଉପ ଅଧୀକ୍ଷକ ଗୁପ୍ତେଶ୍ୱର ପ୍ରଧାନ, ଇନସ୍ପେକ୍ଟର ସତ୍ୟନାରାୟଣ ଦାଶ, କୃପାପାଣି ସିନ୍ଧୁର, ରାୟଗଡା ଅବକାରୀ ଥାନା ଅଧିକାରୀ ସଞ୍ଜୟ ପ୍ରଧାନ, ଏଏସ୍‌ଆଇ ରାଶି ପ୍ରଧାନ, କନଷ୍ଟେବଳ ମେଲକା କୁମାରୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।


ଗିରଫ ଅଭିଯୁକ୍ତଙ୍କ ସହ ଅବକାରୀ କର୍ମଚାରୀ।

# ବନ୍ୟପ୍ରାଣୀ ସପ୍ତାହରେ ସଚେତନତା କାର୍ଯ୍ୟକ୍ରମ

ମୁନିଗୁଡ଼ା,୭।୧୦ (ନନ୍ଦକିଶୋର ପଟ୍ଟନାୟକ)

ମୁନିଗୁଡ଼ାରେ ଫରେଷ୍ଟ ରେଞ୍ଜ କାର୍ଯ୍ୟାଳୟ ତରଫରୁ ୭୦ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁନିଗୁଡ଼ା ଫରେଷ୍ଟର ପ୍ରମୋଦିନୀ ମାଣ୍ଡାଙ୍ଗୀ ଓ ରୋନିତ କୁମାର ମହାରଣାଙ୍କ ମିଳିତ ସଂଯୋଜନାରେ ପ୍ରଥମେ ହାଟମୁନିଗୁଡ଼ା ନିକଟରେ ଥିବା ଶାଳ ସଂରକ୍ଷିତ ଜଙ୍ଗଲ ପରିସରରେ ବନ୍ୟପ୍ରାଣୀ ସୁରକ୍ଷା ସମ୍ପର୍କିତ ଏକ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା । ମୁନିଗୁଡ଼ା ରେଞ୍ଜର ଅନିଲ କୁମାର ବାଲା ଅତିଥି ଭାବେ ଯୋଗଦେଇ ବିଭାଗୀୟ କର୍ମଚାରୀଙ୍କୁ ପୁରାତନ ଜଙ୍ଗଲର ସୁରକ୍ଷା, ନୂତନ ଜଙ୍ଗଲ ସୃଷ୍ଟି, ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ପରିବେଶ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଜଙ୍ଗଲରେ ଆପତ୍‌କାଳୀନ ପରିସ୍ଥିତିରେ କିଭଳି ପ୍ରାଣୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯିବା ସହ ସୁରକ୍ଷା ଯୋଗାଇ ଦିଆଯାଇପାରିବ ତାହାର ନମୁନା ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ମୁନିଗୁଡ଼ା ନୋଡାଲ ହାଇସ୍କୁଲ ପରିସରରୁ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ପଦଯାତ୍ରା ବାହାରି ଜଙ୍ଗଲ ସୁରକ୍ଷା ଓ ବନ୍ୟପ୍ରାଣୀ ସୁରକ୍ଷା ଉପରେ ବାର୍ତ୍ତା ପ୍ରଚାରକରି ସହର ପରିକ୍ରମା କରିଥିଲେ। ସଚେତନତା କାର୍ଯ୍ୟକ୍ରମରେ ପରିବେଶବିତ୍ ଗୌରାଙ୍ଗ ଚରଣ ରାଉତ, ସ୍ତମ୍ଭକାର ମନୋରଞ୍ଜନ ଦଳାଇ, ଶିକ୍ଷୟିତ୍ରୀ ସାଇଲକ୍ଷ୍ମୀ ପାତ୍ର, ବିଜ୍ଞାନୀ ଗୌଡ଼, ଶିକ୍ଷକ କୃଷ୍ଣଚନ୍ଦ୍ର ଗୌଡ଼, ଫରେଷ୍ଟର ସୁରେଶ ପାତ୍ରଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବନ ବିଭାଗର ମାଝୀ ମହାପାତ୍ର, ଅଶ୍ୱିନୀ କରକରିଆ, ହେମ ବେହେରା, ଗିରି ପ୍ରଧାନୀ, ସୁଜାତା ସୁନାମୁଦି, ହରଦୀପ ଦାସ, ଡିଇଓ ବିଘ୍ନରାଜ ମିଶ୍ର, ସୁବାସିନୀ ମୂଳି, କୁନି କୁସୁଲିଆ, ସୁଦର୍ଶନ ବିଶ୍ୱାଳ, କମଲ ନାଗ ପ୍ରମୁଖ ପରିଚାଳନା ଓ ସହଯୋଗ କରିଥିଲେ ।


ବନ୍ୟପ୍ରାଣୀ ସପ୍ତାହ ପାଳନ କାର୍ଯ୍ୟକ୍ରମରେ ବନ ବିଭାଗ ଅଧିକାରୀ ଓ ଅନ୍ୟମାନେ।

# ଜନ୍ମଦିନରେ ହାଇୱା ଧକ୍କାରେ ଯୁବକଙ୍କ ମୃତ୍ୟୁ

ଦଶମନ୍ତପୁର,୭।୧୦(ଅରବିନ୍ଦ ନାୟକ)-ଜନ୍ମଦିନ ପାଳିବାକୁ ବେଲୁନ ଓ ଅନ୍ୟ ସାମଗ୍ରୀ କିଣିବାକୁ ଯାଇ ହାଇୱା ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପରଜା ବେଡାପଦର ପଞ୍ଚାୟତ ସଦର ମହକୁମାସ୍ଥିତ ଦଳିତ ସାହିରେ ଏଭଳି ଦୁଃଖଦ ଘଟଣା ଦେଖିବାକୁ ମିଳିଛି। ମୃତକ ହେଲେ ପପୁ ଖରା(୨୦)। ସୋମବାର ସନ୍ଧ୍ୟାରେ ଜନ୍ମଦିନ ସାଜସଜ୍ଜା ଓ ଅନ୍ୟ କିଛି ଜିନିଷ ପାଇଁ ପପୁ କେତେଜଣ ସାଙ୍ଗଙ୍କ ସହ ଦଶମନ୍ତପୁର ହାଟପଦା ବଜାରକୁ ଯାଇଥିଲେ। ଦୋକାନ ପାଖ ରାସ୍ତାରେ ଛିଡ଼ା ହୋଇଥିବା ବେଳେ ଏକ ହାଇୱା(ଓଡି-୧୮ଏନ-୪୪୧୭) ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ପପୁ ତଳେ ପଡ଼ିଯାଇଥିଲେ। ସାଙ୍ଗମାନେ ତାଙ୍କୁ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପପୁଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ପଟେ କେତେକ ଯୁବକ ହାଇୱା ଡ୍ରାଇଭରଙ୍କ ସହ ଗାଡ଼ିକୁ ଧରି ପୋଲିସ ଜିମା ଦେଇଥିଲେ। ମୃତକଙ୍କ ପରିବାର ପକ୍ଷରୁ ଥାନାରେ ଏକ ଲିଖିତ ଏତଲା ଦିଆଯାଇଛି। ଥାନା ଅଧିକାରୀ ସୁକୁମା ହାସଦା ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭର ଓ ଗାଡିକୁ ଅଟକ ରଖିଥିବା ଜଣାପଡିଛି।

# ନିଯୁକ୍ତିକୁ ଏସ୍‌ଏମ୍‌ସି, ଗ୍ରାମ୍ୟ କମିଟିର ବିରୋଧ

**ଯୋଗଦେବାକୁ ଯାଇ ବାହାର ଜିଲା ଶିକ୍ଷକ ହଟହଟା**

କୋଟପାଡ଼,୭।୧୦
(କେ.ରାଜଶେଖର ରାଓ)


ଜିଲାଭିତ୍ତିକ ନିଯୁକ୍ତି ଦାବିରେ ଗ୍ରାମ୍ୟ କମିଟି ସଦସ୍ୟ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଦାବିପତ୍ର ଦେଉଛନ୍ତି ।

ସରକାରଙ୍କ ଦ୍ୱାରା ନିଯୁକ୍ତି ପାଇବା ପରେ କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକମାନେ କୋରାପୁଟ ଜିଲାକୁ ସୋମବାର କାର୍ଯ୍ୟରେ ଯୋଗଦେବାକୁ ଯାଇ ହଟହଟା ହୋଇଛନ୍ତି। ଜିଲାଭିତ୍ତିକ ନିଯୁକ୍ତି ଦାବରେ ଅବିଭକ୍ତ କୋରାପୁଟ ଜିଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶୁକ୍ରବାର ବନ୍ଦ ପାଳନ ହୋଇଥିଲା। ଏଥିରେ କୋରାପୁଟ ଜିଲାରେ ୯୨୨ ଜଣଙ୍କୁ ନିଯୁକ୍ତି ମିଳିଛି। କିନ୍ତୁ ସେଥିରୁ ମାତ୍ର ୩୦ରୁ ୪୦ ଜଣ ଜିଲାରୁ ଅଛନ୍ତି। ଅନ୍ୟ ସମସ୍ତ ବାହାର ଜିଲାର ବୋଲି ଜଣାପଡ଼ିଛି। ଅନ୍ୟ ଜିଲାର ନବନିଯୁକ୍ତମାନେ ନିଯୁକ୍ତି ପାଇଥିବା ସ୍କୁଲଗୁଡ଼ିକୁ ଯୋଗଦେବାକୁ ଯିବା ପୂର୍ବରୁ ଏସ୍‌ଏମ୍‌ସି ଓ ଗ୍ରାମ୍ୟ କମିଟି ପକ୍ଷରୁ ନିଜ ଜିଲା ପିଲାଙ୍କୁ ନିଯୁକ୍ତି ଦେବା ସହ ବାହାର ଶିକ୍ଷକଙ୍କ ନିଯୁକ୍ତିକୁ ବାରଣ କରାଯାଇଛି। ଏ ନେଇ ଏକ ପତ୍ର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଦେବା ସହ ଏଥିରେ କୌଣସି ବ୍ୟତିକ୍ରମ ହେଲେ ସେମାନେ ଦାୟୀ ରହିବେ ବୋଲି ପ୍ରତିବାଦ କରିଥିଲେ।

କୋଟପାଡ଼ ବ୍ଲକରେ ମଧ୍ୟ ସମାନ ପ୍ରତିବାଦ କରାଯାଇଥିବା ବେଳେ ସୋମବାର ବାହାର ଜିଲାରୁ ୩୫ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି ପାଇଥିଲେ ସୁଦ୍ଧା ଏମାନଙ୍କୁ ଏସ୍‌ଏମ୍‌ସି ଓ ଗ୍ରାମ୍ୟ କମିଟି ସଦସ୍ୟମାନେ ନିଯୁକ୍ତି ବେଳେ ପ୍ରତିବାଦ କରିଥିଲେ। ସେହି ପ୍ରତିବାଦ ପତ୍ର ସହ କୋଟପାଡ଼ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜଣାଇ ଥିଲେ। ଅପରାହ୍ଣ ସୁଦ୍ଧା ସମସ୍ୟାର କୌଣସି ସମାଧାନ ହୋଇ ନ ଥିଲା। ଗୋଷ୍ଠୀ ଶିକ୍ଷାକେନ୍ଦ୍ରରେ ସ୍ଥାନୀୟ ତହସିଲଦାର,ବିଡିଓ ଓ ଥାନା ଅଧିକାରୀ ପହଞ୍ଚି ସମାଧାନ କରିବାକୁ ଚେଷ୍ଟା କରିଥିଲେ। ନିଯୁକ୍ତି ପାଇଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଗୋଷ୍ଠୀ ଶିକ୍ଷା କେନ୍ଦ୍ରରେ ନିଯୁକ୍ତିପତ୍ର ଗ୍ରହଣ କରିବା ସହ ରିପୋର୍ଟିଂ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପତ୍ରରେ ପ୍ରଧାନଶିକ୍ଷକ ନିଯୁକ୍ତି ଦେବା ସହ ଏକ ଚିଠି ୭ ଦିନ ମଧ୍ୟରେ ବିଇଓଙ୍କୁ ଦେବା ପାଇଁ ଉଲ୍ଲେଖ ରହିଛି।

ଏ ନେଇ ବିଇଓ ସପ୍ନେଶ୍ୱର ନାୟକଙ୍କୁ ପଚାରିବାରୁ ନିଯୁକ୍ତିକୁ ନେଇ ଜିଲା ଶିକ୍ଷା ଅଧିକାରୀଙ୍କଠାରୁ କୌଣସି ଚିଠି କିମ୍ବା ନିର୍ଦ୍ଦେଶ ମୋ ପାଖରେ ପହଞ୍ଚି ନାହିଁ। ତେଣୁ ଏହାକୁ ନେଇ ଚିଠି କରାଯାଇଛି। ଏ ସମ୍ପର୍କରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ନାୟକ କହିଛନ୍ତି । ଜିଲା ବାହାର ଶିକ୍ଷୟିତ୍ରୀ ଶିକ୍ଷକ ଏହି ବ୍ଲକରେ ନିଯୁକ୍ତି ପାଇଁ ଆସିଥିବା ବେଳେ କେତେକ ହାତ ଗଣତି ସଦସ୍ୟ ସୁଧୀର ମହାନ୍ତି, ମୁନା ଖାନ୍ ଓ ଅନ୍ୟମାନେ ପ୍ରତିବାଦ କରିଥିଲେ। ସୂଚନାଯୋଗ୍ୟ, ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ସମାରୋହରେ ୧୬ ହଜାର ୯ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିଯୁକ୍ତି ମିଳିଥିଲା।

# ବିନା ବିଜ୍ଞାପନରେ ଚିକିତ୍ସାଳୟରେ ଅସ୍ଥାୟୀ ନିଯୁକ୍ତିକୁ ବିରୋଧ

ଦଶମନ୍ତପୁର, ୭।୧୦(ଅରବିନ୍ଦ ନାୟକ)

**ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଦାବିପତ୍ର**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ସଦରସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିନା ବିଜ୍ଞାପନରେ ସୁରକ୍ଷା କର୍ମୀ, ଆଟେଣ୍ଡାଣ୍ଟ ଭଳି ଅନେକ ପଦବୀରେ ଅସ୍ଥାୟୀ ନିଯୁକ୍ତି ମିଳିଛି। ଏହାକୁ ବିରୋଧକରି ସାମାଜିକ କର୍ମୀ ରାଜୁ ବାଘଙ୍କ ନେତୃତ୍ୱରେ ଯୁବଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଦୀପକ କୁମାର ସାମଲଙ୍କୁ ସୋମବାର ଦାବିପତ୍ର ପ୍ରଦାନ କରିଛନ୍ତି।

କିଛି ଦିନ ପୂର୍ବେ ବିନା ବିଜ୍ଞାପନରେ କେତେଜଣ କର୍ମଚାରୀଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ଦିଆଯାଇଛି। ଅଞ୍ଚଳର ଶିକ୍ଷିତ ଯୁବତୀଯୁବକ ସରକାରଙ୍କ ନିଯୁକ୍ତି ବିଜ୍ଞାପନ ଅପେକ୍ଷାରେ ରହିଛନ୍ତି। ଏଣେ ବିନା ବିଜ୍ଞାପନରେ ଏକ ଠିକା ସଂସ୍ଥା ଦ୍ୱାରା ନିଯୁକ୍ତି ଦିଆଯାଉଥିବାକୁ ବିରୋଧ କରାଯାଇଛି। ବିଜ୍ଞାପନ ନ ବାହରିବାରୁ ଖାଲି ପଦବୀ ସମ୍ପର୍କରେ ଜଣାପଡ଼ି ନ ଥିଲା। ଫଳରେ ଅଞ୍ଚଳର ଯୁବଗୋଷ୍ଠୀ ଏହି ନିଯୁକ୍ତି ପାଇବାରୁ ବଞ୍ଚିତ ହେଲେ ବୋଲି ଦାବିପତ୍ରର ଅଭିଯୋଗ କରାଯାଇଛି। ଏହାର ତଦନ୍ତ ଓ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଅଞ୍ଚଳବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନବେଳେ ସାମାଜିକ କର୍ମୀ ରାଜୁ ବାଘ, ଅକ୍ଷୟ କୁମାର ସେମ୍ଲିଆ, ଭାଗବାନ ଜାନି, ଶିଶିର ମୁଦୁଲି, ପଦ୍ମନାଥ ଜାନି, ଶ୍ରୀତମ ଗରଡ଼ା, ବିଶ୍ୱ ସାଗର, ଦିବାକର ସାଗର, ଅମିନ ଜାନିଙ୍କ ସହ ଶିକ୍ଷିତ ଯୁବତୀଯୁବକ ଉପସ୍ଥିତ ଥିଲେ। ଅଭିଯୋଗର ତଦନ୍ତ କରାଯିବ ବୋଲି ଚିକିତ୍ସାଧିକାରୀ ସାମଲ ପ୍ରତିଶ୍ରୁତି ଦେଇଥିଲେ।


ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଦାବିପତ୍ର ଗ୍ରହଣ କରୁଛନ୍ତି।

# ବ୍ୟବସାୟୀଙ୍କୁ ତାଗିଦ୍ କଲା ପ୍ରଶାସନ

**ଧରିତ୍ରୀ ପ୍ରଭାବ**

ସୁନାବେଡା,ସେମିଳିଗୁଡା, ୭।୧୦ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)



ସୋମବାର ଦୈନିକ ଖବରକାଗଜ ଧରିତ୍ରୀରେ 'ପାର୍ବଣ ସମୟରେ ଚିନ୍ତା ବଢାଉଛି ଟ୍ରାଫିକ' ଶୀର୍ଷକ ଖବର ପ୍ରକାଶ ପାଇବା ପରେ ସଜାଗ ହୋଇ ଉଠିଛି ପ୍ରଶାସନ। ସେମିଳିଗୁଡା ଅଞ୍ଚଳରେ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ଯୋଗୁ ଉପୁଜୁଥିବା ଟ୍ରାଫିକ ସମସ୍ୟା ପାଇଁ ପ୍ରଶାସନ ପକ୍ଷରୁ ଚଢାଉ କରି ତାଗିଦ କରାଯାଇଛି। ପୌର ପରିଷଦ ଟ୍ୟାକ୍ସ ଅଧିକାରୀ କେଭି ରାଓ, କିଶୋର ଚନ୍ଦ୍ର ନାୟକ ଓ ଅନ୍ୟ କର୍ମଚାରୀଙ୍କ ସହ ସୁନାବେଡା ଥାନା ଏଏସ୍‌ଆଇ ବାଳକୃଷ୍ଣ ରଥ ଏବଂ କନଷ୍ଟେବଳ ପ୍ରଶାନ୍ତ କୁମାର ଦଣ୍ଡସେନା ପ୍ରମୁଖ ସୋମବାର ସନ୍ଧ୍ୟାରେ ସେମିଳିଗୁଡାରେ ଚଢାଉ କରିଥିଲେ । ଏଥିସହ ଏଠାରେ ଥିବା ଶପିଂ ମଲ ଓ ଉଠା ଦୋକାନୀ ମୋଟ ୧୫ ଜଣଙ୍କୁ ନୋଟିସ ଜାରି କରାଯାଇଛି।

# ବ୍ଲକସ୍ତରୀୟ ଜନଶୁଣାଣି ଶିବିର

କୁନ୍ଦୁରା,୭।୧୦(ସନ୍ତୋଷ ପ୍ରହରାଜ)


ଶିବିରରେ ଅଧିକାରୀମାନେ ଶୁଣାଣି କରୁଛନ୍ତି ।

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ପାଉଁଶି ପଞ୍ଚାୟତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ କପିଳେଶ୍ୱର ତାଣ୍ଡି,ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ,ସିଡିପିଓ ଆରତୀ ମହାପାତ୍ର,ସରପଞ୍ଚ ଘାସି ଭତ୍ରା ଓ ନାଏବ ସରପଞ୍ଚ ତୁଳାବତୀ ସରାବୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସମସ୍ତ ପ୍ରକାର ସମସ୍ୟା ସହ ଶିକ୍ଷାକୁ ନେଇ ଅଧିକ ଅଭିଯୋଗ ରହିଥିଲା। ପାଉଁଶି ସଦର ମହକୁମାରେ ଥିବା ଅନନ୍ତ ବିଦ୍ୟାପୀଠରେ ଶିକ୍ଷକ ପଦବୀ ଖାଲି ପଡ଼ିଥିବା ଓ ଅଷ୍ଟମ, ନବମ ଏବଂ ଦଶମ ଶ୍ରେଣୀରେ ୩୦୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ୬ ଶିକ୍ଷକ ରହିଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ। ଆଗକୁ ମାଟ୍ରିକ ପରୀକ୍ଷା ଥିବା ଯୋଗୁ ଅଭିଭାବକ ଏ ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେହିପରି ପାଉଁଶି ଗ୍ରାମରେ ଥିବା ପ୍ରଥମରୁ ଅଷ୍ଟମ ଶ୍ରେଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ୫ ଶିକ୍ଷୟିତ୍ରୀ ଓ ଶିକ୍ଷକ ରହିଛନ୍ତି। କାର୍ଯ୍ୟକ୍ରମରେ ପାଉଁଶି ଗ୍ରାମରେ ଜଳ ଅଭାବର ଅତିଶୀଘ୍ର ସମାଧାନ ନେଇ ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ପାଉଁଶିରେ ଉପ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ଓ ରାଜସ୍ୱ ବିଭାଗ ସମସ୍ୟାର ସମାଧାନ କରିବା ସହ ଅତିଶୀଘ୍ର ଉପ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ନେଇ ବିଡିଓ ନିର୍ଦ୍ଦେଶ ଦେଇଛନ୍ତି।

# ଦଶହରା ମହୋତ୍ସବ ପାଇଁ ରାଣୀଙ୍କୁ ନିମନ୍ତ୍ରଣ କଲେ ବିଧାୟକ

ଜୟପୁର, ୭।୧୦ (ପବନ ପାଣିଗ୍ରାହୀ)

ଜୟପୁର ଦଶହରା ମହୋତ୍ସବରେ ରାଜମାତା ସାରିକା ଦେବୀଙ୍କୁ ଅତିଥି ରୂପେ ଯୋଗ ଦେବାକୁ ନିମନ୍ତ୍ରଣ କରାଯାଇଛି । ମହୋତ୍ସବ କମିଟି ପକ୍ଷରୁ ବିଧାୟକ ତାରା ପ୍ରସାଦ ବାହିନୀପତି ସୋମବାର ରାତିରେ ଜୟପୁର ରାଜାନଗରସ୍ଥିତ ଦରବାର ମହଲରେ ପହଞ୍ଚିଥିଲେ । ପ୍ରଥମେ ପରିସରରେ ଥିବା ଅଧିଷ୍ଠାତ୍ରୀ ଦେବୀ ମା' କନକ ଦୁର୍ଗା ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା । ପରେ ରାଣୀ ମା'ଙ୍କୁ ନିମନ୍ତ୍ରଣ କରାଯାଇଥିଲା । ପରମ୍ପରା ଅନୁସାରେ ପାନପତ୍ର, ଗୁଆ ଦେଇ ରାଣୀ ମା' ସାରିକା ଦେବୀଙ୍କୁ ପାଟଶାଢ଼ୀ ପ୍ରଦାନ ପୂର୍ବକ ନିମନ୍ତ୍ରଣ କରାଯାଇଥିଲା । ଏହି ଅବସରରେ ସାରିକା ଦେବୀ ୧୧ ତାରିଖ ରାଜାନଗରରେ ହେଉଥିବା ସାଂସ୍କୃତିକ ସନ୍ଧ୍ୟାରେ କିଛି ସମୟ ଉପସ୍ଥିତ ରହିବାକୁ ସମ୍ମତି ପ୍ରଦାନ କରିଥିବା ବେଳେ ୧୨ ତାରିଖ ତଥା ଦଶହରା ସନ୍ଧ୍ୟାରେ ଦଶହରା ପଡ଼ିଆରେ ଆୟୋଜିତ ରାବଣପୋଡ଼ି କାର୍ଯ୍ୟକ୍ରମରେ ଅତିଥି ଭାବେ ଉପସ୍ଥିତ ରହିବାକୁ ସହମତି ପ୍ରଦାନ କରିଥିଲେ । ଏହି ନିମନ୍ତ୍ରଣ କାର୍ଯ୍ୟକ୍ରମରେ ମହୋତ୍ସବ କମିଟି ପକ୍ଷରୁ ଦେବେନ୍ଦ୍ର ବାହିନୀପତି, ସନ୍ଦିପ ଦଳେଇ, ଦୁର୍ଗା ପ୍ରସାଦ ସାନ୍ତ୍ରା, ଜଗଦୀଶ ପ୍ରସାଦ ସାହୁ, ସୁମନ୍ତ ସାହୁ, ବୁନୁ ରଥ ପ୍ରମୁଖ ସାମିଲ୍ ହୋଇଥିବା ବେଳେ ମହଲ ପକ୍ଷରୁ କିଷାନ ରାଠୋର ଉପସ୍ଥିତ ରହିଥିଲେ ।


ବିଧାୟକ ତାରା ପ୍ରସାଦ ବାହିନୀପତି ରାଜମାତା ସାରିକା ଦେବୀଙ୍କୁ ନିମନ୍ତ୍ରଣ ଥାଳି ଦେଉଛନ୍ତି।

# ସ୍ୱର୍ଗତ ରଘୁନାଥ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଅନାବରଣ

ଜୟପୁର,୭।୧୦(ପବନ ପାଣିଗ୍ରାହୀ)

ଜୟପୁର ପୌରପାଳିକା ଓ ଆର୍.ଏନ୍.ପି ଫାଉଣ୍ଡେଶନ ପକ୍ଷରୁ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ରଘୁନାଥ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜୟପୁର ପାୱାର ହାଉସ୍ ଛକରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ,ସମ୍ମାନିତ ଅତିଥି କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲ୍ଲାକା,ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି,ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୁପୁ ଭତ୍ରା, ଅତିରିକ୍ତ ଜିଲାପାଳ ଲକ୍ଷ୍ମଜିତ ରାଉତ, ଜୟପୁର ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି,ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ,ବିଡିଓ ଶକ୍ତି ମହାପାତ୍ର,ଦୁଇ ପୁଅ ବୀରେନ ମୋହନ ପଟ୍ଟନାୟକ ଓ ଧୀରେନ୍ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ପଟ୍ଟନାୟକ କଂଗ୍ରେସର ଜଣେ ପୁରୁଖା ନେତା,ଓଡିଶାର ଅର୍ଥ ମନ୍ତ୍ରୀ,ଆଇନ ମନ୍ତ୍ରୀ,ପଞ୍ଚାୟତିରାଜ ମନ୍ତ୍ରୀ ଆଦି ପଦବୀରେ ରହି ଦାୟିତ୍ୱ ତୁଲାଇ ଥିଲେ। ଜୟପୁର ନିର୍ବାଚନ ମଣ୍ଡଳୀରେ ୬ ଥର ବିଧାୟକ ହୋଇ ବିଧାନସଭାକୁ ଯାଇଥିଲେ।


ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଜିଲାସ୍ତରୀୟ ଅଭିଯୋଗ ଶୁଣାଣି

କୋରାପୁଟ/ନନ୍ଦପୁର,୭।୧୦
(ଅମିତାଭ ବେହେରା/ସୁନିଲ କୁମାର ପଣ୍ଡା)

ନନ୍ଦପୁର ବ୍ଲକ ସଭା ଗୃହରେ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୪୭ ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ଜିଲାପାଳ ଭି.କିର୍ତ୍ତି ଭାସନ, ଜିଲା ଏସ୍‌ପି ରୋହିତ ବର୍ମା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦେବାଶିଷ ପଟ୍ଟନାୟକ,ଏସଡିପିଓ ସମ୍ବିତ କୁମାର ମାଝି, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ.ସୁଶାନ୍ତ କୁମାର ଦାସଙ୍କ ସହ ଜିଲା ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଅଭିଯୋଗ ଶୁଣି ଜିଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଏହାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟୁତ୍, ଶିକ୍ଷା, ସ୍ୱାସ୍ଥ୍ୟ ଓ ରାସ୍ତା ଆଦି ସମସ୍ୟା ନେଇ ଅଭିଯୋଗକାରୀ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ବିଭିନ୍ନ ସରକାରୀ ଯୋଜନାରେ କେତେକ ଏସଏଚଜି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବ୍ୟବସାୟ ପାଇଁ ଆର୍ଥିକ ସହାୟତା ଦେବାକୁ ଜିଲାପାଳଙ୍କୁ ଗୁହାରି କରିଥିଲେ।


ଜିଲାପାଳ ଭି.କୀର୍ତ୍ତି ଭାସନ ଓ ଅନ୍ୟ ଅଧିକାରୀ ଅଭିଯୋଗକାରୀଙ୍କ ଅଭିଯୋଗର ଶୁଣାଣି କରୁଛନ୍ତି।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ଜୟପୁର,୭।୧୦(ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ଅନ୍ତର୍ଗତ ଜୟନ୍ତୀଗିରିରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏବିଡିଓ ମନୋଜ ନାୟକ,ଜିପିଓ ଭାଗୀରଥି ନାୟକ,ଏପିଓ ସନ୍ତୋଷି ମହାପାତ୍ରଙ୍କ ସହ ଅନ୍ୟ ଲାଇନର ବ୍ଲକସ୍ତରୀୟ ଅଧିକାରୀ ଓ ବିଭିନ୍ନ ଗ୍ରାମର ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମବାସୀମାନେ ବିଭାଗୀୟ ଅଧିକାରୀମାନଙ୍କୁ ସମସ୍ୟା ଅଭିଯୋଗ ଜଣାଇଥିଲେ। ନୂତନ ରାସ୍ତା,ମରାମତି, ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ଉପରେ ଅଭିଯୋଗ ହୋଇ ବିଭିନ୍ନ ମୌଳିକ ସମସ୍ୟାର ଶୁଣାଣି ହୋଇଥିଲା। ବିଭିନ୍ନ ସରକାରୀ ଯୋଜନାର ଲାଭ ପାଇବା ନେଇ ଉପସ୍ଥିତ ଅଧିକାରୀମାନେ ସଚେତନ କରିଥିଲେ। ରାବଣାଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ ହୋଇଥିଲା।

# ଉଦ୍ୟାନଭିତ୍ତିକ ଚାଷ ସମ୍ବନ୍ଧୀୟ କର୍ମଶାଳା

କୋରାପୁଟ,୭।୧୦(ଅମିତାଭ ବେହେରା)

କୋରାପୁଟ ସରକାରୀ ମହାବିଦ୍ୟାଳୟରେ ସୋମବାର ଉଦ୍ୟାନଭିତ୍ତିକ ଚାଷ ସମ୍ବନ୍ଧୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ଉଦ୍ୟାନ ପରୀକ୍ଷଣ କେନ୍ଦ୍ର, ଭୁବନେଶ୍ୱର ପକ୍ଷରୁ ସହରୀ ଅଞ୍ଚଳରେ ଉଦ୍ୟାନ ଭିତ୍ତିକ ଚାଷ ସମ୍ବନ୍ଧିତ କର୍ମଶାଳା ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ଆୟୋଜନ କରାଯାଇଥିଲା। ସହରାଞ୍ଚଳରେ ସ୍ଥାନ ଅଭାବକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ଅନ୍ତର୍ଗତ ସହରାଞ୍ଚଳ ଲୋକଙ୍କ ପାଇଁ ବୈଜ୍ଞାନିକ ପଦ୍ଧତିରେ ଛାତ ଉପରେ ତଥା ଘର ବଗିଚାକୁ ଠିକ୍ ଉପଯୋଗ କରିବାକୁ ପ୍ରୋତ୍ସାହନ ଦିଆଯାଉଛି। ଏହି କାର୍ଯ୍ୟକ୍ରମ ନିମନ୍ତେ ଜନସଚେତନତା ସୃଷ୍ଟି କରିବା ନିମିତ୍ତ ତଥା ଏଦିଗରେ ମହାବିଦ୍ୟାଳୟର ଛାତ୍ରୀ ଛାତ୍ରଙ୍କୁ ନେଇ କର୍ମଶାଳାମାନ ଆୟୋଜନ କରାଯାଉଛି । ସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଦୀପକ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବୈଜ୍ଞାନିକ ତଥା ପରିଯୋଜନାର ପ୍ରଧାନ ଡ. ପି.ଶ୍ରୀନିବାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ସହରାଞ୍ଚଳରେ ଛାତ ବଗିଚା ପାଇଁ ଆବଶ୍ୟକ ଉପାଦାନଗୁଡ଼ିକ ଯେପରିକି କୋକପିଟ, ଗ୍ରୋ-ବ୍ୟାଗ, ଆର୍କା ଡିକୋମ୍ପୋଜର୍, ଆର୍କା ଶସ୍ୟ ପୋଷାକ ରସ, ଆର୍କା ଭେଜିଟେବୁଲ କିଟ୍, ଆର୍କା' ମାଇକ୍ରୋବିଆଲ କନସରଟିୟମ ଇତ୍ୟାଦି ମାଧ୍ୟମରେ ଉନ୍ନତ ପଦ୍ଧତି ଚାଷ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହାଦ୍ୱାରା ସହରାଞ୍ଚଳରେ ତଟକା ଫଳ, ପନିପରିବା ମିଳିବା ସହ ପରିବେଶ ସ୍ୱାସ୍ଥ୍ୟ ଉନ୍ନତ ହୋଇପାରିବ ବୋଲି କହିଥିଲେ। ଛାତ ବଗିଚାରୁ ଉପଲବ୍ଧ ସତେଜ, କୀଟନାଶକମୁକ୍ତ ପନିପରିବା ପାଇବାର ଉପକାରିତା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ।

ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗ ଅଧ୍ୟାପିକା ଅଧ୍ୟାପିକା ଡ. ଦୁର୍ଗାପ୍ରସାଦ ପାଣିଗ୍ରାହୀ, ଅରବିନ୍ଦ ପାଢୀ, ସ୍ନିଗ୍ଧା ବେହେରା, ଡ.ସୈରିନ୍ଦ୍ରୀ ମହାରଣା, ସୂଚିସ୍ମିତା ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ। ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର କର୍ମଶାଳାରେ ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିବା ସହ ଏହି ଅଭିନବ ଉଦ୍ୟମକୁ ପ୍ରଶଂସା କରିଥିଲେ।




# ସହରୀ ବଗିଚା ସମ୍ପର୍କିତ କର୍ମଶାଳା

ଜୟପୁର,୭।୧୦(ପବନ ପାଣିଗ୍ରାହୀ)


କର୍ମଶାଳାରେ ପ୍ରଶିକ୍ଷଣାର୍ଥୀଙ୍କୁ ଘର ବଗିଚା ବିଷୟରେ କେନ୍ଦ୍ରୀୟ ଉଦ୍ୟାନ ପରୀକ୍ଷଣ କେନ୍ଦ୍ର ପକ୍ଷରୁ ପ୍ରଶିକ୍ଷଣ ଦିଆଯାଉଛି।

କୋରାପୁଟ ଜିଲା ଜୟପୁରରେ ଏମ୍.ଏସ୍. ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେଶନ୍ ପରିସରରେ ଭୁବନେଶ୍ୱର କେନ୍ଦ୍ରୀୟ ଉଦ୍ୟାନ ପରୀକ୍ଷଣ ପକ୍ଷରୁ ସହର ଅଞ୍ଚଳରେ ଉଦ୍ୟାନଭିତ୍ତିକ ଚାଷ ସମ୍ପର୍କିତ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ପି.ଶ୍ରୀନିବାସଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ମହିଳା ପ୍ରମୁଖ ଯୋଗ ଦେଇଥିଲେ। ସହରୀ ଅଞ୍ଚଳରେ ଛାତ ବଗିଚା ପାଇଁ ଆବଶ୍ୟକ ବିଭିନ୍ନ ଉପାଦାନ କୋକପିଟ,ଗ୍ରୋ-ବ୍ୟାଗ,ଆର୍କା ଡିକୋମ୍ପୋଜର,ଆର୍କା ଶସ୍ୟ ପୋଷକ ରସ,ଆର୍କା ଭେଜିଟେବୁଲ କିଟ୍,ଆର୍କା ମାଇକ୍ରୋବିଆଲ କନସରଟିଅମ ମାଧ୍ୟମରେ ଉନ୍ନତ ପଦ୍ଧତି ଚାଷ ଉପରେ ଶ୍ରୀନିବାସ ଆଲୋକପାତ କରିଥିଲେ। ଛାତର ସ୍ଥାୟିତ୍ୱକୁ ଦୃଷ୍ଟିରେ ରଖି ପାଣି ନ ଜମିବା ପାଇଁ ଡ୍ରେନେଜ୍ ବ୍ୟବସ୍ଥାକୁ ଠିକ୍ ଭାବେ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ। ଜଣେ ବୟସ୍କ ବ୍ୟକ୍ତି ପାଇଁ ଦିନକୁ ୪୦୦ଗ୍ରାମ ଅଣରାସାୟନିକ ପନିପରିବା ଆବଶ୍ୟକ ରହିଛି। ଫଳ ଓ ପନିପରିବାଗୁଡ଼ିକରେ ବିଷର ଅଂଶ ଥିବା ବେଳେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟଗତ ସମସ୍ୟାର କାରଣ। ବିଷମୁକ୍ତ,ତଟକା ଫଳ,ପନିପରିବା ପାଇଁ ନିଜ ଘରେ ଚାଷ କରିବା ଓ ଉତ୍ପାଦକୁ ନିଜେ ଉପଯୋଗ କରିବା ଏକମାତ୍ର ପନ୍ଥା। କିନ୍ତୁ ସହରାଞ୍ଚଳରେ ସ୍ୱଳ୍ପ ଓ କଂକ୍ରିଟ୍ ସ୍ଥାନ ଯୋଗୁ ସମ୍ଭବ ହୋଇପାରୁ ନାହିଁ। ଏଥିପାଇଁ କେନ୍ଦ୍ରୀୟ ଉଦ୍ୟାନ ପରୀକ୍ଷଣ କେନ୍ଦ୍ର ଦ୍ୱାରା ପ୍ରସ୍ତାବିତ ଓଡିଶା ରାଜ୍ୟ ସରକାରଙ୍କ ବିତ୍ତ ପୋଷିତ ନାକୋନ୍ସେସୀ ପ୍ରଯୋଜନା ଅନ୍ତର୍ଗତ ସହରାଞ୍ଚଳ ଲୋକଙ୍କ ପାଇଁ ବୈଜ୍ଞାନିକ ପଦ୍ଧତିରେ ଛାତ ଉପରେ ବଗିଚା ଓ ଘର ବଗିଚାକୁ ପ୍ରୋତ୍ସାହନ ଦିଆଯାଉଛି। ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଡ. ସଞ୍ଜୀବ ମହନ୍ତ ଓ ଏମ୍‌ଏସ୍‌ଏସ୍‌ଆରଏଫର ଅବସରପ୍ରାପ୍ତ ନିର୍ଦ୍ଦେଶକ ଏସ୍. ଭି. ରମଣ ରୋଷେଇ ଘରର ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ ବିଭିନ୍ନ ଜୈବିକ ସାର ଏବଂ ବିଭିନ୍ନ ରୋଗ ପୋକ ପରିଚାଳନା ପାଇଁ ଘରେ ଉପଲବ୍ଧ ମସଲାରୁ କୀଟନାଶକ ପ୍ରସ୍ତୁତି ବିଷୟରେ ସଭିଙ୍କୁ ଜଣାଇଥିଲେ। କାର୍ଯ୍ୟକ୍ରମରେ ୪୫ ପ୍ରଶିକ୍ଷଣାର୍ଥୀ ଉପସ୍ଥିତ ଥିଲେ।

# କାର୍ଯ୍ୟରେ ଯୋଗଦେଇ ପାରିଲେନି ୧୯୫ କନିଷ୍ଠ ଶିକ୍ଷକ

### ସ୍କୁଲରେ ତାଲା ପକାଇ ନୂତନ ଶିକ୍ଷକଙ୍କ ଯୋଗଦାନକୁ ବିରୋଧ

ପାପଡ଼ାହାଣ୍ଡି/ ଝରିଗାଁ/ଡାବୁଗାଁ / ଉମରକୋଟ, ୭।୧୦ (ସ୍ୱପ୍ନଜିତ ପଟ୍ଟନାୟକ/ କିଶୋର ଚନ୍ଦ୍ର ମଣ୍ଡଳ/ ପ୍ରଜ୍ଞାରଞ୍ଜନ ପରିଡ଼ା/ସନ୍ତୋଷ ଶତପଥୀ)

ଜିଲା ଭିତ୍ତିକ ନିଯୁକ୍ତି ଦାବି ନବରଙ୍ଗପୁରର ବିଭିନ୍ନ ସ୍କୁଲରେ ଗ୍ରାମବାସୀ ତାଲା ପକାଇଛନ୍ତି। ଗ୍ରାମବାସୀ ଓ ମିଳିତ କ୍ରିୟାନୁଷ୍ଠାନ ସଦସ୍ୟମାନେ ନୂତନ କନିଷ୍ଠ ଶିକ୍ଷକଙ୍କୁ କାମରେ ଯୋଗଦେବାକୁ ଦେଇ ନ ଥିଲେ। ଆଗାମୀ ଦିନରେ କେହି ବି ଜିଲା ବାହାର ଶିକ୍ଷୟିତ୍ରୀ ଶିକ୍ଷକ ଆସିଲେ ପ୍ରତିବାଦ କରାଯିବ ବୋଲି ପ୍ରଧାନ ଶିକ୍ଷକଙ୍କୁ ଜଣାଇଥିଲେ। ଜିଲାରେ ୧୯୫ ଜଣ କନିଷ୍ଠ ଶିକ୍ଷକ କାର୍ଯ୍ୟରେ ଯୋଗଦେଇପାରି ନ ଥିବା ସୂଚନା ମିଳିଛି।

ପାପଡ଼ାହାଣ୍ଡି ଜଟାବାଲ ପଞ୍ଚାୟତର ଡଙ୍ଗରା, ବିରିଗୁଡ଼ା, ଲହରାକାନି ଓ ଗୋପିଗୁଡ଼ା ଆଦି ବିଦ୍ୟାଳୟରେ ନୂତନ କନିଷ୍ଠ ଶିକ୍ଷକଙ୍କୁ ଗ୍ରାମବାସୀ ବିରୋଧ କରିଥିଲେ। ସ୍କୁଲରେ ତାଲା ପକାଇ ଗ୍ରାମବାସୀ ନୂତନ ଶିକ୍ଷକମାନଙ୍କୁ ଫେରାଇ ଦେଇଥିଲେ। ଯୋଗଦାନ ଦେବାକୁ ଆସିଥିବା ଶିକ୍ଷୟତ୍ରୀ ଶିକ୍ଷକ ମାନଙ୍କୁ ପଠାଇଦେଇଥିଲେ। ପ୍ରାୟ ବିଦ୍ୟାଳୟରେ ଶିକ୍ଷକମାନେ କାର୍ଯ୍ୟରେ ଯୋଗଦେଇ ପାରିନାହାନ୍ତି। ଏ ନେଇ ଡିଇଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି ଏବିଇଓ ସୁଦର୍ଶନ ନାୟକ କହିଛନ୍ତି।

ଝରିଗାଁରେ ମଧ୍ୟ ସମାନ ଅବସ୍ଥା। ସୋମବାର ଝରିଗାଁ ବ୍ଲକରେ ୪୪ଜଣ ନୂତନ କନିଷ୍ଠ ଶିକ୍ଷୟତ୍ରୀ ଶିକ୍ଷକ ନିଜ ନିଜ କାର୍ଯ୍ୟରେ ଯୋଗ ଦେଇଥିବା ବେଳେ ୪୯ଜଣ ଶିକ୍ଷୟତ୍ରୀ ଶିକ୍ଷକ କାର୍ଯ୍ୟରେ ଯୋଗ ଦେଇ ପାରିନାହାନ୍ତି। କାର୍ଯ୍ୟରେ ଯୋଗଦେଇ ପାରି ନ ଥିବା ଶିକ୍ଷକମାନେ ବିଇଓ ଅଫିସକୁ ଯାଇଥିଲେ। ସେଠାରେ ଧାରଣା ଦେଉଥିବା କ୍ରିୟାନଷ୍ଠାନ ସଦସ୍ୟମାନେ ତାଙ୍କୁ କାର୍ଯ୍ୟାଳୟ ଭିତରକୁ ପୁରାଇ ଦେଇ ନ ଥିଲେ। ତେଣ ସେମାନେ ବିଇଓଙ୍କ ଅଫିସ ଆଗରେ ସନ୍ଧ୍ୟା ପର୍ଯ୍ୟନ୍ତ ଧାରଣା ଦେଇଥିଲେ। ବିଇଓ ସେମାନଙ୍କ ସହ ଆଲୋଚନା କରିଥିଲେ। ଖବରପାଇ ପୋଲିସ ଏସ୍ଆଇ ଲକ୍ଷ୍ମୀ ନାରାୟଣ ଦୋରା, ଏ ଏସ ଆଇ କେଦାର ନାଥ ରାଉତ ଘଟଣାସ୍ଥଳେ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାଶୁଝା କରିଥିଲେ।

ଡାବୁଗାଁରେ ସୋମବାର ସନ୍ଧ୍ୟା ସୁଦ୍ଧା ବ୍ଲକର ବିଭିନ୍ନ ବିଦ୍ୟାଳୟ ମଧ୍ୟରୁ ୭ଟି ବିଦ୍ୟାଳୟରେ ୭ ଜଣ ଯୋଗଦେଇଥିବାବେଳେ ୨୯ ଜଣ ଶିକ୍ଷୟତ୍ରୀ ଶିକ୍ଷକଙ୍କୁ ବାରଣ କରାଯାଇଛି। ଯୋଗଦାନ ନ କରି ଫେରିଥିବା ଶିକ୍ଷକମାନେ ବିଇଓଙ୍କ ଅଫିସକୁ ଘଟଣା ସମ୍ପର୍କରେ ଜଣାଇବାକୁ ଆସିଥିଲେ। ଉମରକୋଟ ବ୍ଲକ ମାଝିଆ ବିଦ୍ୟାଳୟରେ ମଧ୍ୟ ଶିକ୍ଷକ ନିଯୁକ୍ତିକୁ ବିରୋଧ କରାଯାଇଛି।


ଡାବୁଗାଁ ବ୍ଲକ ଚାଟିଗୁଡ଼ା ସରକାରୀ ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଗରେ ଗ୍ରାମବାସୀ ଧାରଣାରେ ବସିଛନ୍ତି।

## ସଂକ୍ଷେପରେ

### ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦିନିକିଆ ତାଲିମ



ତେନ୍ତୁଲିଖୁଣ୍ଟି, ୭।୧୦(ଚିଦାନନ୍ଦ ସାହୁ)

ତେନ୍ତୁଲିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମିଳନୀ କକ୍ଷରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକଙ୍କୁ ନେଇ ଏକ ତାଲିମ ଶିବିର ସୋମବାର କରାଯାଇଛି। କିଶୋର ବାଳିକା ବାଳକଙ୍କ ସାପ୍ତାହିକ ସ୍ୱାସ୍ଥ୍ୟ ପରୀକ୍ଷା, ସରକାରଙ୍କ ପକ୍ଷରୁ ଦିଆଯାଉଥିବା ଆଇରନ ଟାବଲେଟ ଆଦି ଔଷଧକୁ ଠିକ୍ ସମୟରେ ଛାତ୍ରୀ ଛାତ୍ରଙ୍କୁ ଦେବା, ଶତପ୍ରତି ଶତ ସାନିଟାରୀ ପ୍ୟାଡ୍ ବ୍ୟବହାର ଲକ୍ଷ୍ୟ ଓ ସ୍ୱଚ୍ଛତା ଦିଗ ପ୍ରତି ଧ୍ୟାନ ଦେବା ଆଦି ସମ୍ପର୍କରେ ତାଲିମ ଦିଆଯାଇଥିଲା। ଏବିଇଓ ମୋହନ ମଧୁସୂଦନ ବାଘ ଏସବୁ ନେଇ କମିଟି ଗଠନ କରିବାକୁ କହିଥିଲେ। ପ୍ରତି ମଙ୍ଗଳବାର ସ୍ୱାସ୍ଥ୍ୟ ପରୀକ୍ଷାରେ ସହଯୋଗ, ରକ୍ତ ହୀନତା, ଦୃଷ୍ଟି ଦୋଷ ଆଦି ରିପୋର୍ଟ ତୁରନ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦୃଷ୍ଟିକୁ ଆଣିବା ପାଇଁ ଆହ୍ୱାନ ଦେଇଥିଲେ। ଆମ୍ବାସଡର ଭୂମିକା ଶିକ୍ଷୟତ୍ରୀ ଶିକ୍ଷକ ଠିକ୍ ଭାବେ ତୁଲାଇଲେ ସୁସ୍ଥ ଛାତ୍ର ସୁସ୍ଥ ରାଷ୍ଟ୍ର ଗଠନରେ ସହଭାଗୀ ହୋଇ ପାରିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମ ଆୟୁଷ୍ମାନ ଭାରତ ଯୋଜନା ସ୍କୁଲ ହେଲ୍‌ଥ ଆଣ୍ଡ ୱେଲନେସ କାର୍ଯ୍ୟକ୍ରମରେ ହେଲ୍‌ଥ ୱେଲ୍‌ନେସ ଆମ୍ବାସଡରଭାବେ ଶିକ୍ଷୟତ୍ରୀ ଶିକ୍ଷକଙ୍କୁ ତାଲିମ୍ ଦିଆଯାଉଛି। ଏହି କାର୍ଯ୍ୟକ୍ରମରେ ଡାକ୍ତର ବ୍ରହ୍ମାନନ୍ଦ ଦାସ, ପିଏଚ୍ଇଓ ରଞ୍ଜିତା ସାମଲ ତାଲିମ ଦେଇଥିଲେ।

### ଟ୍ରାଫିକ୍ ନିୟନ୍ତ୍ରଣ ସହ ସଚେତନତା

ଜୟପୁର,୭।୧୦(ପବନ ପାଣିଗ୍ରାହୀ)

ପାର୍ବଣ ସମୟରେ କୋରାପୁଟ ଜିଲା ଜୟପୁର ସହରର ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ଆଡ଼କୁ ଗତି କରିଛି। ସୋମବାର ଜୟପୁର ଏସଡିପିଓ ଅଙ୍କିତ ବର୍ମା, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଓ ଟାଉନ ଥାନାଧିକାରୀ ରମଣୀ ରଞ୍ଜନ ଦଳେଇ ରାତିରେ ସହରର ମୁଖ୍ୟ ରାସ୍ତା ବୁଲି ଟ୍ରାଫିକ ନିୟନ୍ତ୍ରଣ ସହ ସଚେତନ କରିଛନ୍ତି। ପୋଲିସ ଦୁଇଥର ମୁଖ୍ୟ ଟ୍ରାଫିକ୍ ଛକରୁ ରାଜାନଗର ଯାଏ ବୁଲି ସଚେତନ କରିଥିଲେ। ରାସ୍ତାରେ କୌଣସି ଗାଡ଼ି ନ ରହିବା ନେଇ ଦୋକାନୀମାନଙ୍କୁ ସଚେତନ ରହିବାକୁ କହିଥିଲେ। ରାସ୍ତା ଉପରେ ପାର୍କିଂ ହୋଇଥିବା ୬ଟି ଦୁଇ ଚକିଆ ଯାନକୁ ଉଠାଇ ନିଆଯାଇଥିଲା। ସହରକୁ ଆସିଥିବା ନୂଆ ଟୋଇଂ ମେସିନ୍‌ରେ ଏହି ଗାଡ଼ିଗୁଡ଼ିକ ଟାଉନ୍‌ଥାନାକୁ ନିଆଯାଇଥିଲା। ମାଲିକଙ୍କ ନିକଟରୁ ଜରିମାନା ଆଦାୟ କରାଯିବା ନେଇ ସୂଚନା ମିଳିଛି। ସହରର ଏହି ମୁଖ୍ୟ ରାସ୍ତାରେ ଦିନକୁ ଦିନ ଟ୍ରାଫିକ୍ ସମସ୍ୟା ବଢ଼ିବାରେ ଲାଗିଛି। ବିଭିନ୍ନ ଦୋକାନକୁ ଯାଉଥିବା ଗ୍ରାହକମାନେ ନିଜ ବାଇକ୍ ଏବଂ କାର୍ ରାସ୍ତା ଉପରେ ଛିଡ଼ା କରୁଥିବା ବେଳେ ଅସ୍ଥାୟୀ ଠେଲା ସଂଖ୍ୟା ବଢ଼ିବାରେ ଲାଗିଛି।

# ଭାରତ-ବାଂଲାଦେଶ ମ୍ୟାଚରେ ପ୍ରହ୍ଲାଦ ପର୍ଯ୍ୟବେକ୍ଷକ

ନବରଙ୍ଗପୁର,୭।୧୦(ସଦାଶିବ ପ୍ରହରାଜ)

ହାଇଦ୍ରାବାଦରେ ଭାରତ-ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ତୃତୀୟ ଟି-୨୦ ମ୍ୟାଚର ପର୍ଯ୍ୟବେକ୍ଷକଭାବେ ନବରଙ୍ଗପୁର କ୍ରିକେଟ ସଂଘ ସମ୍ପାଦକ ପ୍ରହ୍ଲାଦ ତ୍ରିପାଠୀ ମନୋନୀତ କରାଯାଇଛି। ବିସିସିଆଇ (ବୋର୍ଡ ଅଫ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ) ଏ ନେଇ ପ୍ରହ୍ଲାଦଙ୍କୁ ଚିଠି କରିଛି। ଆଦିବାସୀ ଅଧୁଷିତ ନବରଙ୍ଗପୁର ଜିଲା ଓ ଜିଲାବାସୀଙ୍କ ପାଇଁ ଏହା ଗର୍ବର ବିଷୟ ବୋଲି ସ୍ଥାନୀୟ କ୍ରୀଡ଼ାବିତ୍‌ମାନେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଖବର ପ୍ରଚାର ହେବାପରେ ନବରଙ୍ଗପୁର ଜିଲା କ୍ରିକେଟ ସଂଘ ସଭାପତି ଦେବାଶିଷ ପଟ୍ଟନାୟକ, ଉପସଭାପତି ଶୁଭେନ୍ଦୁ ବେହେରା, ସହ ସମ୍ପାଦକ ଏମ୍. ବାଲକ୍ରିଷ୍ଣା, ଜିଲା କ୍ରିକେଟ ସଂଘ ସଦସ୍ୟ ଅଶୋକ ନାୟକ, ନବରଙ୍ଗପୁର ଜିଲା କ୍ରିକେଟ ଏକାଡେମୀର କୋଚ ଲାଲ ମହମ୍ମଦ ଖାନ, ଜିଲା କ୍ରିକେଟ ସଂଘ ମିଡିଆ ସଂଯୋଜକ ମନୋଜ ପଟ୍ଟନାୟକ, ବରିଷ୍ଠ ସଦସ୍ୟ ଶଶାଙ୍କ ଶେଖର ବେହେରା ପ୍ରମୁଖ ପ୍ରହ୍ଲାଦଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନର ମିଳୁଛି।


ପ୍ରହ୍ଲାଦ ତ୍ରିପାଠୀ।

# ଗ୍ରୁପ୍ ଟଙ୍କା ନେଇ ମା' ପୁଅ ଫେରାର ଅଭିଯୋଗ


ଠାକମିର ଶିକାର ହୋଇଥିବା ମହିଳା।

### ଥାନାର ଦ୍ୱାରସ୍ଥ ହେଲେ ମହିଳା

ପାପଡ଼ାହାଣ୍ଡି, ୭।୧୦ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଶିରିଶି ପଞ୍ଚାୟତ ବାଣୁଆଗୁଡ଼ା ଗ୍ରାମର ୨୪ଜଣ ମହିଳାଙ୍କ ୯ ଲକ୍ଷ ଟଙ୍କା ନେଇ ମା' ପୁଅ ଫେରାର ହୋଇଥିବା ପାପଡ଼ାହାଣ୍ଡି ଥାନାରେ ଗାଁର ଚନ୍ଦ୍ରମା ଭତ୍ରା ଅଭିଯୋଗ କରିଛନ୍ତି। ଅଭିଯୋଗ ପ୍ରକାରେ ପୋଲିସ ଘଟଣାର ତଦନ୍ତ କରୁଥିବା ପାପଡ଼ାହାଣ୍ଡି ଥାନାଧିକାରୀ ଦୀପକ କୁମାର ଜେନା କହିଛନ୍ତି।

ଥାନାରେ ଦିଆଯାଇଥିବା ଅଭିଯୋଗ ଅନୁଯାୟୀ, ବାଣାଆଗୁଡା ଗ୍ରାମର ୨୪ ଜଣ ମହିଳା ଏକ ଗ୍ରୁପ୍ ଗଠନ କରିଥିଲେ। ୬ ମାସ ତଳେ ସେମାନେ ଏକ ଘରୋଇ ସଂସ୍ଥା ଅନ୍ନପୂର୍ଣ୍ଣାରୁ ୯ ଲକ୍ଷ ଟଙ୍କା ଋଣ ବାବଦରେ ଉଠାଇଥିଲେ। ଉକ୍ତ ଗ୍ରାମର ମହିଳା ଶୁଭାଶିନୀ ମହାପାତ୍ର ଓ ତାଙ୍କ ପୁଅ ନିର୍ବିକାର ମହାପାତ୍ର ସେମାନଙ୍କୁ ସୁଧ ଓ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଉକ୍ତ ଟଙ୍କା ନେଇଥିଲେ। ମହିଳାମାନେ ସୁଧ ଟଙ୍କା ମାଗିବାରୁ ସେମାନେ ଦିନ ଗଡ଼ାଇ ଚାଲିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଶୁଭାସିନୀ ଓ ତାଙ୍କ ପୁଅ ଗାଁ ଛାଡ଼ି ଫେରାର ହୋଇଯାଇଥିବା ଏତଲାରେ ଉଲ୍ଲେଖ ରହିଛି। ଏହାପରେ ଚନ୍ଦ୍ରମାଙ୍କ ସମେତ ମହିଳାମାନେ ପାପଡ଼ାହାଣ୍ଡି ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# ଗାଇଡ୍‌ଲାଇନ ମାନି ଦଶହରା ପାଳିବାକୁ ନିଷ୍ପତ୍ତି

### ପୋଲିସ ପୂଜା କମିଟି, ଜନସାଧାରଣଙ୍କୁ ନେଇ ସମନ୍ୱୟ ବୈଠକ

ପାପଡାହାଣ୍ଡି,୭।୧୦ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ଥାନାରେ ପୋଲିସ ପକ୍ଷରୁ ଦଶହରା ପାଇଁ ଏକ ସମନ୍ୱୟ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାପଡ଼ାହାଣ୍ଡି ଥାନା ଅଧୀନ ୩ ପୂଜା କମିଟି ସଦସ୍ୟ ଓ ସ୍ଥାନୀୟ ଜନ ସାଧାରଣ ଉପସ୍ଥିତ ଥିଲେ। ସରକାରଙ୍କ ଗାଇଡଲାଇନ ଅନୁସାରେ ଶାନ୍ତି ଶୃଙ୍ଖଳାର ସହ ଦଶହରା ପାଳନ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏଥିରେ ପୂଜାରେ ଭିଡ ନିୟନ୍ତ୍ରଣ, ଟ୍ରାଫିକ, ପାନୀୟ ଜଳ, ଷ୍ଟ୍ରିଟ୍‌ଲାଇଟ, ମୃଗ ବିହାରରୁ ପାପଡାହାଣ୍ଡି ଏବଂ ଅସ୍ଥାୟୀ ପୋଲ ନିକଟରେ ଆଲୋକୀକରଣ, ରାବଣପୋଡ଼ି ଦୂରରୁ ରହି ଦେଖିବା, ଅସାମାଜିକ କାର୍ଯ୍ୟକଳାପ ନିୟନ୍ତ୍ରଣ ଓ ଶାନ୍ତି ଶୃଙ୍ଖଳାରେ ଦଶହରା ପାଳିବାକୁ ଆଲୋଚନା ହୋଇଥିଲା। ଥାନାଧିକାରୀ ଦୀପକ କୁମାର ଜେନା ସମସ୍ତ ପୂଜା କମିଟି କର୍ମକର୍ତ୍ତାଙ୍କୁ ଏ ସବୁ ନେଇ ପରାମର୍ଶ ଦେଇଥିଲେ । ବୈଠକରେ ବ୍ଲକ ଉପାଧ୍ୟକ୍ଷ



ସୁଶାନ୍ତ ବେହେରା, ବିଡିଓ କପିଲ ଦେବ ସାହୁ ଓ ଅତିରିକ୍ତ ତହସିଲଦାର ସସ୍ମିତା ଜେନା, ସରପଞ୍ଚ ଚନ୍ଦ୍ରଶେଖର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ସାର୍ବଜନୀନ ପୂଜା କମିଟି ସଭାପତି ବି. ଜଗନ ମୋହନ ରାଓ, ଶ୍ରୀଶ୍ରୀଶ୍ରୀ ଦୁର୍ଗାପୂଜା କମିଟି ସଭାପତି ଜି. ଅନନ୍ତ ମୂର୍ତ୍ତିଙ୍କ ସହ ସ୍ଥାନୀୟ ଜନ ସାଧାରଣ ଓ ପୂଜା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

# କାଂସ୍ୟ ପଦକ ଜିତିଲେ ରୁଦ୍ର

### ଜାତୀୟ ଥାଙ୍ଗଟା ପ୍ରତିଯୋଗିତା

ଉମରକୋଟ, ୭।୧୦(ସନ୍ତୋଷ ଶତପଥୀ)

ଜାତୀୟ ଥାଙ୍ଗଟା ପ୍ରତିଯୋଗିତାରେ କାଂସ୍ୟ ପଦକ ଜିତଛନ୍ତି ନବରଙ୍ଗପୁର ଜିଲାର ଉମରକୋଟ ସହର ଅଧିକାରୀଗୁଡ଼ା ଗ୍ରାମର ରୁଦ୍ର ବିଶ୍ୱାସ। ବ୍ରିଟିଶ ବିଶ୍ୱାସ ଓ ବିଭାରାଣୀଙ୍କ ପୁଅ ରୁଦ୍ର ବର୍ତ୍ତମାନ ଉମରକୋଟ ଗୁରୁକୃପା କଲେଜରେ ଯୁକ୍ତ ୨ ବିଜ୍ଞାନ ଦ୍ୱିତୀୟ ବର୍ଷ ଛାତ୍ର।

ଚଳିତ ମାସ ୫ରୁ ୭ ତାରିଖ ଯାଏ ମଧ୍ୟପ୍ରଦେଶର ଗ୍ୱାଲିୟରସ୍ଥିତ ଲକ୍ଷ୍ମୀବାଇ ଜାତୀୟ ଶାରିରୀକ ଶିକ୍ଷା ଅନୁଷ୍ଠାନରେ ଜାତୀୟ ଥାଙ୍ଗଟା ପ୍ରତିଯୋଗିତା ଅନୁଷ୍ଠିତ ହେଇଥିଲା। ରୁଦ୍ର ହରିୟଣାର କ୍ରୀଡ଼ାବିତଙ୍କୁ ପରାସ୍ତ କରି କାଂସ ପଦକ ହାସଲ କରିଥିଲେ। ଫେବୃୟାରୀରେ ହେବାକୁ ଥିବା ଖେଲୋ ଇଣ୍ଡିଆରେ ଭାଗ ନେବା ପାଇଁ ସେ ମନୋନୀତ ହେଇଛନ୍ତି। ରୁଦ୍ର ନବରଙ୍ଗପୁର ଗୌରବ ବଢ଼ାଇଥିବା କହି ସମସ୍ତେ ତାଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।


ରୁଦ୍ର ବିଶ୍ୱାସ

# ପାପଡ଼ାହାଣ୍ଡିରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ପାପଡ଼ାହାଣ୍ଡି, ୭।୧୦ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବିଇଓଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୧୮ କ୍ଲଷ୍ଟରରୁ ୭୦୦ କୃତୀ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବିଇଓ ସୌମେନ୍ଦ୍ର ଭୌମିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ବିଡିଓ କପିଳଦେବ ସାହୁ, ଏବିଇଓ ବାଲକଦାସ ରନ୍ଧାରୀ, ପୂର୍ଣ୍ଣଚନ୍ଦ୍ର ପୂଜାରୀ, ସୁଦର୍ଶନ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ବାକଚନ୍ଦ ପୂଜାରୀ ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ ଏବଂ କନିଷ୍ଠ ବିଭାଗ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ, ଶ୍ରୁତଲିଖନ, ସଙ୍ଗୀତ, ଚିତ୍ରକଳା, ଚିତ୍ରାଙ୍କନ, ପ୍ରବନ୍ଧ, କୁଇଜ୍, ସୃଜନଶୀଳ ଲିଖନ, ବକ୍ତୃତା, ଦଳଗତ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। ଦଳଗତ ନୃତ୍ୟ ଦର୍ଶକଙ୍କ ମନ ମୋହିଁଥିଲା। ବିଚାରକଭାବେ ଶୁକମନ ଦିଶାରୀ, ପ୍ରକାଶଚନ୍ଦ୍ର ସୁନା, ପ୍ରସାଦ ଯାନୀ, ଲୋକନାଥ ମେହେର, ସନ୍ତୋଷ କୁମାର ଖଡ଼ଗରାଇ, ପ୍ରକାଶ କୁମାର ପଣ୍ଡା, ଜେମ୍ସ ପ୍ରଭାକର ବେନିୟା, ପ୍ରଭାକର ପଟ୍ଟନାୟକ, ଧରଣୀ କୋମରଲା, ସରୋଜ କୁମାର ପାଣିଗ୍ରାହୀ, ରାଜେଶ ମୁଣ୍ଡାରୀ, ଚନ୍ଦନ ତ୍ରିପାଠୀ, ମାଧବ ମଣ୍ଡଳ, ଦିଲ୍ଲୀପ କୁମାର ସ୍ୱାଇଁ, ଜି. ଭେଙ୍କେଟ ରାଜୁ, ପି. ରବିକାନ୍ତ ରଘୁରାମ, ବିପିନ କୁମାର ହିଆଲ, ସୁଜିତ ବିଷୋୟୀ, ନରହରି ମାଝୀ, ଡମ୍ବରୁ ରଣା, ବନମାଳୀ ନାୟକ ପ୍ରମୁଖ ରହିଥିଲେ। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ୧୮ କ୍ଲଷ୍ଟରର ସିଆର୍‌ସିସିମାନେ ଉପସ୍ଥିତ ଥିଲେ।

# ସମ୍ପୂର୍ଣ୍ଣତା ଅଭିଯାନ ସମାପନ ସମାରୋହ

ନବରଙ୍ଗପୁର,୭।୧୦ (ସଦାଶିବ ପ୍ରହରାଜ)

ଜୁଲାଇ ୪ରୁ ଆରମ୍ଭ ହେଇ ଗତ ମାସ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଚାଲିଥିବା ସମ୍ପୂର୍ଣ୍ଣତା ଅଭିଯାନ ସମାପନ ସମାରୋହ ନବରଙ୍ଗପୁର ଜିଲାପରିଷଦ ରାଜୀବ ଭବନ ଅନୁଷ୍ଠିତ ହୋଇଛି। ୩ ମାସ ଧରି ବିଭିନ୍ନ ବିଭାଗରେ ୬ଟି ସୁଚକାଙ୍କରେ ଶତପ୍ରତିଶତ ଲକ୍ଷ୍ୟ ହାସଲ ନିମନ୍ତେ ବିଭିନ୍ନ ପଦକ୍ଷେପ ନିଆ ଯାଇଥିଲା। ଏଥିପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ଶୁଭଙ୍କର ମହାପାତ୍ର ସମ୍ମାନିତ କରିଥିଲେ। ନବରଙ୍ଗପୁର ଜିଲାର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିରଞ୍ଚି ନାରୟଣ ଦରୱାନ, ଆକାଂକ୍ଷା ବ୍ଲକ୍ ଡାବୁଗାଁ ବିଡିଓ ଶରତ ଚନ୍ଦ୍ର ମାଝି, ତେନ୍ତୁଲିଖୁଣ୍ଟି ବିଡିଓ ଶ୍ରୀ ମନୋଜ କୁମାର ପାଣିଗ୍ରାହୀ, ସିଡିଏମ୍‌ଓ ଡକ୍ଟର ମଳୟ ପଟ୍ଟନାୟକ, ଡିଇଓ ଛତ୍ରପତି ସାହୁ, ଜିଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର, ଉପ ନିର୍ଦ୍ଦେଶକ ପ୍ଲାନିଂ ଐଶ୍ୱର୍ଯ୍ୟ ଭଞ୍ଜ , ପିରାମଲ ଫାଉଣ୍ଡେସନ ପୋଗ୍ରାମ ମ୍ୟାନେଜର ବିକ୍ରମ କିଶୋର ରଣା, ପ୍ରଭାତୀ ବିଷୋୟୀ, ଆକାଶବାଣୀ ଓ ଦୂରଦର୍ଶନ ସମାଚାର ବିଭାଗ ପ୍ରତିନିଧି, ନବରଙ୍ଗପୁରଙ୍କୁ ସେମାନଙ୍କ ପ୍ରଶଂସନୀୟ କାର୍ଯ ପାଇଁ ଜିଲାପାଳ ସମ୍ମାନୀତ କରିଥିଲେ। ସେମାନଙ୍କ ସହ ସମସ୍ତ ବ୍ଲକରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ଆଶା ଏବଂ ଅଙ୍ଗନୱାଡି କର୍ମୀଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା।

# ନୃତ୍ୟ, ନାଟକରେ 'ବେଟି ବଚାଓ, ବେଟି ପଢ଼ାଓ' ବାର୍ତ୍ତା

ରାଇଘର, ୭।୧୦(କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ରାଜୀବ ସ୍ମୃତି ବାଳିକା ଉଚ୍ଚ ବିଦ୍ୟାଳୟରେ ସୋମବାର ବେଟି ବଚାଓ ଓ ବେଟି ପଢାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଲକ୍ଷ୍ମୀସାଗର ମାଝୀ ମୁଖ୍ୟ ଅତିଥି, ପ୍ରିତୀ ସ୍ନିଗ୍ଧା ମହାପାତ୍ର ସମ୍ମାନିତ ଅତିଥି, ରାଇଘର ସିଡିପିଓ ଗୀତାଞ୍ଜଳି ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟ ଓ ବାଳିକା ଉଚ୍ଚ ବିଦ୍ୟାଳୟର ସମସ୍ତ ଛାତ୍ରୀଙ୍କ ଉପସ୍ଥିତିରେ ଏକ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଆରତୀ ଗଣ୍ଡ ପ୍ରଥମ, ପ୍ରୀତି ପୁନ୍ୟତା ଖଟୁଆ ଦ୍ୱିତୀୟ ଓ ଦେବଶ୍ରୀ ନାୟକ ତୃତୀୟ ହୋଇଛନ୍ତି। ବେଟି ବଚାଓ ଓ ବେଟି ପଢାଓକୁ ନେଇ ଏକ କ୍ଷୁଦ୍ର ନାଟକ ହେବା ସହ ନୃତ୍ୟ ପରିବେଷଣ କରାଯାଇଥିଲା। ଶିଶୁ ବିକାଶ ବିଭାଗୀୟ ପକ୍ଷରୁ ହେଉଥିବା କାର୍ଯ୍ୟକ୍ରମରେ ବିଦ୍ୟାଳୟ ସମ୍ପାଦକ କିରଣ କୁମାର ପଟ୍ଟନାୟକ, ପ୍ରଧାନ ଶିକ୍ଷୟତ୍ରୀ ଗୀତାଞ୍ଜଳି ସାମଲଙ୍କ ସମେତ ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ, ବିଭାଗୀୟ କର୍ମଚାରୀ ପରିଚାଳନା କରିଥିଲେ।


ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ୬୦ ଅଭିଯୋଗ ଶୁଣିଲେ ଜିଲାପାଳ

ନବରଙ୍ଗପୁର,୭।୧୦(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅଭିଯୋଗ ଶୁଣାଣି ଶିବିର କରାଯାଇଛି। ଜିଲାପାଳ ଶୁଭଙ୍କର ମହାପାତ୍ର ଓ ଏସ୍‌ପି ମିହିର କୁମାର ପଣ୍ଡାଙ୍କ ଯୁଗ୍ମ ଅଧକ୍ଷତାରେ ଆୟୋଜିତ ଏହି ଜନଶୁଣାଣି ଶିବିରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ ମିଶ୍ରଙ୍କ ସମେତ ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ମୋଟ ୬୦ଜଣ ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୫୦ଟି ବ୍ୟକ୍ତିଗତ ଓ ୧୦ଟି ସାମୂହିକ ସମସ୍ୟା ସମ୍ପର୍କିତ ଅଭିଯୋଗ ଥିଲା।

ଏହି ଅବସରରେ ଜିଲା ଶ୍ରମ ବିଭାଗ ପକ୍ଷରୁ ଶ୍ରମିକ କଲ୍ୟାଣ ଯୋଜନା ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିଲା। ବିବାହକାଳୀନ ସହାୟତା ବାବଦରେ ୩୮ଲକ୍ଷ ୫୦ହଜାର, ପ୍ରସୂତିକାଳୀନ ସହାୟତା ୪ଲକ୍ଷ ୩୦ ହଜାର, ଶିକ୍ଷାବୃତ୍ତି ସହାୟତା ୪୧ ଲକ୍ଷ ୮୯ ହଜାର ୬୦୦, ମୃତ୍ୟୁକାଳୀନ ସହାୟତା ୧ କୋଟି ୭୩ ଲକ୍ଷ, ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ପାଇଁ ୪ ଲକ୍ଷ ୫ ହଜାର ଟଙ୍କା ଦିଆଯାଇଛି। ସର୍ବମୋଟ ୧୦୩୩ ହିତାଧିକାରୀଙ୍କୁ ୨କୋଟି ୬୧ଲକ୍ଷ ୭୪ ହଜାର ୬୦୦ ଟଙ୍କା ଆକାଉଣ୍ଟକୁ ପ୍ରଦାନ କରାଯାଇଥିଲା। ଜନଶୁଣାଣି ଶିବିରରେ ଟଙ୍କଧର ଜାନୀ, ତୈଳକ ନାଥ ଗଉଡ, ସଦନ ପୂଜାରୀଙ୍କୁ ୫୦ ହଜାର ଲେଖାଏ ବିବାହକାଳୀନ ସହାୟତା ଦିଆଯାଇଛି। ସ୍ୱର୍ଗତ ମାନକି ଭତ୍ରା, ମଙ୍ଗଳଦେଈ ଭତ୍ରା, ଭଗବାନ ଗୌଡ଼ଙ୍କ ନିକଟ ସମ୍ପର୍କୀୟଙ୍କୁ ମୃତ୍ୟୁକାଳୀନ ସହାୟତା ପ୍ରତ୍ୟେକ ୨ଲକ୍ଷ ୫ ହଜାର ଦିଆଯାଇଛି। ଜୟନ୍ତୀ ଗୌଡ଼ଙ୍କୁ ୮୪୦୦ ଶିକ୍ଷା ସହାୟତା, ନବୀନ ଗଉଡ଼ଙ୍କୁ ୧୦ ହଜାର ପ୍ରସୂତିକାଳୀନ ସହାୟତା ଟଙ୍କା ଜିଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଛି।

### ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ରାଶି ବଣ୍ଟନ



ଜିଲାପାଳ ହିତାଧିକାରୀଙ୍କୁ ପ୍ରସୂତିକାଳୀନ ସହାୟତା ଟଙ୍କା ପ୍ରଦାନ କରୁଛନ୍ତି।

